ମରୁମାଟିର ସ୍ୱପ୍ନ

କୃଷ୍ଣଚନ୍ଦ୍ର ତ୍ରିପାଠୀ

ମରୁମାଟିର ସ୍ୱପ୍ନ

କୃଷ୍ଣଚନ୍ଦ୍ର ତ୍ରିପାଠୀ
କବି-କୁଟୀର, ବାଣପୁର

ପ୍ରକାଶକ :

କୃଷ୍ଣଚନ୍ଦ୍ର ତ୍ରିପାଠୀ

କବିକୁଟୀର

ବାଣପୁର

ଜିଲ୍ଲା : ପୁରୀ

ମୁଦ୍ରକ :

ସୁରେଖା ପ୍ରିଣ୍ଟର୍ସ

କଟକ-୨

ପ୍ରଥମ ମୁଦ୍ରଣ :

୧୯୭୯

ମୂଲ୍ୟ : ୪-୫୦

ସୂଚୀ

୧ । ଆସ ଉତ୍ତର ! ୧
୨ । ସ୍ୱପ୍ନର ସାଥି ୪
୩ । ଯିବ ସେଇ ଭୂଇଁ ୫
୪ । ପାଇଚ ୭
୫ । ସେ ବିଜନ ଭୂଇଁ ୮
୬ । ସେଇଦିନୁ ୧୦
୭ । ସେଇ ନୂଆଣିଆ ଗୃହଘର ୧୧
୮ । ଆଜ ଆସିଲ ନାଇଁ ୧୩
୯ । ସେଉଁଠି ନାଇଁ ୧୫
୧୦ । ତୁମେ ମୋର କବି, ତୁମେ ମୋର ପ୍ରିୟ ୧୬
୧୧ । ଉଠୁଚ ଢଳ ୧୭
୧୨ । କି ଦେବ ଉତ୍ତର ? ୧୯
୧୩ । ପାରିବ ନାଇଁ ତୁମେ ଜାଣି ୨୦
୧୪ । ମରୁମାଟିର ସ୍ୱପ୍ନ ୨୩
୧୫ । ସୁଦୂରେ ୨୪
୧୬ । ମାଗିଥିଲ ସେ ମାଗୁଣି ଟିକ ୨୫
୧୭ । ଯୁକ୍ତି ୨୬
୧୮ । ହେ ପାହାଡ଼ ! ୨୮
୧୯ । ଦିନ ବିତୁ ମୋର ୩୦
୨୦ । ଦେଖୁଥିବ ୩୧
୨୧ । ସେ ଟିକକ ନେଇ ୩୨
୨୨ । କୃତଜ୍ଞ ମୁଁ ଏ ମାଟିର ପାଦତଳେ ୩୪
୨୩ । ଏଇ ବିଜନତା ସହ ୩୬
୨୪ । ସେ କହେ ୩୭
୨୫ । ସେଦିନ ଆସିବ ଫେରି ୩୮

୨୬ । ତାର ସେଇ ଶେଷକଥାପଦ୍ଧ ୩୯
୨୭ । ରନ୍ଧିତ ତ ! ୪୧
୨୮ । ଅଶ୍ରୁ ଅଭିମାନ ୪୩
୨୯ । ଶେଷବେଳେ ୪୬
୩୦ । ଏ ଜନ୍ମର ମାୟା ୪୮
୩୧ । ହେ ମୋର ସ୍ନେହର ଛଠି ! ୪୯

●

ପଦେ—

'ମରୁମାଟିର ସ୍ୱପ୍ନ' ଏବର ଲେଖା ନୁହେଁ । ଜୀବନର ମଧ୍ୟ ଯୌବନ ଭିତରୁ ଏଗୁଡ଼ିକର ଜନ୍ମ । ବୟସର ପଶ୍ଚିମ ଗିରି-ଶୃଙ୍ଗ ଉପରେ ଠିଆହୋଇ ଯେତେବେଳେ ମୁଁ ଏଇ ସୁଦୂରର ସୃଷ୍ଟିଗୁଡ଼ିକୁ ଚାହିଁରହେ, କେବେ କିପରି କି ଅବସ୍ଥାରେ ଏ କବିର କଲମରୁ ସେ ସବୁ ଫୁଟିଛି ବଗୁର ଆନନ୍ଦ ଓ ବିସ୍ମୟରେ ବେଳେବେଳେ ବିଭୋର ହୋଇଉଠେ ।

ଗ୍ରନ୍ଥମନ୍ଦିରର ଆନୁକୂଲ୍ୟରେ 'ମରୁମାଟିର ସ୍ୱପ୍ନ' ଯେ ଏତେ ଦିନ ପରେ ଆତ୍ମପ୍ରକାଶ କରିପାରିଛି—ତାହାହିଁ ମୋର ଆନନ୍ଦ ।

କୃଷ୍ଣଚନ୍ଦ୍ର ତ୍ରିପାଠୀ

କବି କୁଟୀର, ବାଣପୁର,
୨୮ । ୮ । ୭୯ ତାରିଖ

ଆସ ଉତ୍ତର !

କେବେହେଲେ ତମେ ଚିନ୍ତା କର କି ମତେ ?
ଏ ବିଜନ ଭୂଇଁ ବନ ପ୍ରାନ୍ତର ତଳୁ—
ଆସ ଉତ୍ତର !
ଆସ ମୋର ସେଇ ଗୋଟିଏ ପ୍ରଶ୍ନର !
ଉତ୍ତର କାହିଁ କିଛି ତ ଫୁଟେନା ବାରେ
ତଥାପି, ମୁଁ ଚାହିଁ ରହିଚି କାହିଁକି ସତେ ?
କିଏ ମତେ ଜଣେ ଦେବ ଅବା ଉତ୍ତର !
କେବେହେଲେ ତମେ ଚିନ୍ତା କର କି ମତେ ?
ଆପଣାର କରି, ସବୁବେଳେ
ଅବା ଗୋଟିଏ ନିମେଷ ପାଇଁ
ଆସ ଉତ୍ତର !
ଭେଦି ଏ ବିଜନ ଭୂଇଁ
—ଯେଉଁଠି କେ ନାହିଁ, ମୁଁ ଖାଲି ହୋଇଚି ଠିଆ,
କିଏ କାହିଁ ଥିବ ମୁକୁଳାଇ ତାର ମୁଗ୍ଧ ମଧୁର ହିଆ !

କେବେହେଲେ ତମେ ଚିନ୍ତା କର କି ମତେ ?
ଏ ଶ୍ରେଷ୍ଠ ପ୍ରଶ୍ନର ଭିତରେ ରହିଚି
ପ୍ରାଣର ଆବେଗ ବହୁ,
ଆସ ଉତ୍ତର !
ଭେଦି ଏ ବିଜନ ଭୂଇଁ
ଉତ୍ତର କିଛି ଆସିନି, ଆସୁନି,
ଆସିବନି ଯେବେ,
ଏଇ ଗଛତଳେ ଠିଆ ହୋଇଥିବ
ଭିକ୍ଷାରେ କାହିଁ ପାଇଁ !

କେବେହେଲେ ତମେ ଚିନ୍ତା କର କି ମତେ ?
ଉତ୍ତର ଦିଅ ! ଉତ୍ତର ଦିଅ !
ଆସ ଉତ୍ତର
ଆସ ଆସ ଚେତନା
ଭେଦି ସେ ବିଜନ ବିପୁଳ ଗମ୍ଭୀର ଭୂଇଁ
ଅପେକ୍ଷା କରିବାକୁ ବେଳ ନାହିଁ ।
ମୁଁ ଫେରିଯାଉଛି ।
ଏଇ ମୋର ଏଠି ଶେଷ ପଦପାତ,
ଜାଣିରଖ ଥରେ ପାଇଁ ।

କେବେହେଲେ ତମେ ଚିନ୍ତାକର କି ମତେ ?
ସୁଖେ ବା ଦୁଃଖେ, ଗଉରବ ରାଜ ମୁକୁଟ ମଥାରେ
ପିନ୍ଧିଲି ବେଳେ ଅବା,
ଆସ ଉତ୍ତର !
ଆସ !

ଟିକିଏ କେବଳ ଶୁଣିବି
ଏ ମୋର କାନେ,
ଆସିବାରେ ଯେବେ କଷ୍ଟ ହେଉଛି
ରହିଯାଅ ତମେ
ବାଧା କିପାଇଁ
ଦେବି ମୁଁ ତୁମର ପ୍ରାଣେ ?

ଆସ ତମେ ଭେଦି ସକଳ ଅନ୍ତରାୟ
କି ଅବା ଅନ୍ତରାୟ ?
ମୁକ୍ତ ଯେଉଁଠି
ଜୀବନର ଅଭିପ୍ରାୟ ।

ଉତ୍ତର ଆସେ ଉତ୍ତର ଆସେ
କେଉଁ ପାହାଡ଼ୀ ଝରଣା
ମଧୁ କଲତାନ ପରି,

"ଚିନ୍ତା କରେ ମୁଁ ବହୁତ ଚିନ୍ତା କରେ,
ହେ କବି, କଲମ ମୁନରେ ଯେ ସବୁ
ଫାରିବନ୍ଧ ତୁମେ ଧରି ।"
ସେଇ ଉତ୍ତର ମୁଗ୍‌ଧ ପରଶଟିକ
ମନ ମନ୍ଦରେ ସାଇତି ରଖିଛି
କବି କୋଟିନିଧି ପରି !

●

ସ୍ୱପ୍ନର ସାଥୀ

ଗଭୀର କିବା ମମତା ଜାଗେ, ତାହାରେ ଦେବି କି ଶିଖା ଭରି ?
ତାହାରିଲାଗି ରାତ୍ରି ତଳେ ସ୍ୱପ୍ନ କେତେ ଉଠଇ ଥରି ।
ନିଜର କରି ନେବାର ଲାଗି ବାସନା କିବା ନିବିଡ଼ତର,
ବୁଝିହେଁନା ସିଏ, କିଏ ସେ କାହିଁ, ରହିଛି ତାର କେଉଁଠି ଘର !
ବିଶାଳ ଏଇ ମୃତ୍ତିକା ଯେ ଅନ୍ତହୀନ ପାଏନା ଆଖି
ଏଇଠି ସିଏ, ଏଇଠି ମୁହିଁ ଜୀବନେ କେତେ ଯେ ଦେଖାଦେଖି
ଦେଖିଲେ ତାରେ, ଗୁହିଁଲେ ତାରେ, ଶୁଣିଲେ ଓଠୁ ପଦିଏ କଥା,
କାହିଁକି ଲାଗେ ଇମିତି ଭଲ ? ତା' ପାଖେ ଲଇଁଯାଏ ମୋ ମଥା ।
ବକ୍ଷ ମୋର ତାହାରି ଲାଗି ଦେଇଛି ମୁହିଁ ନିଯୁତ ପାତି,
ତାହାରି ସୁଖ ଦୁଃଖ ମେଳେ ହେବି ମୁଁ ତାର ମରମ ସାଥି ।
ମିଥ୍ୟା ନୁହେଁ, ସତ୍ୟ ଏ ଯେ, ଦେଖିଛି ତା'ଠି ଯେ ମଧୁଶିରୀ,
ଦେଖିନି କାହିଁ, ଶୁଣିନି କାହିଁ, କହୁଛି ମୋର ବକ୍ଷ ଚିରି ।

ଶୂନ୍ୟଲାଗେ ଜୀବନ ମତେ, ଶୂନ୍ୟଲାଗେ ଧରଣୀ ତଳ,
ତାହାରି ସେଇ ସ୍ପର୍ଶ-ଟିକୁ ଭିତରେ ଯେବେ ନରଚେ ଘର ।
ଇମିତି ନାହିଁ ନିମେଷଟିଏ, ମନରେ ମୋର ଯାଉଛି ପଡ଼ି,
ରାତ୍ରେ ସେହୁ ନ ଆସେ ଛଳ ଗୋଟିଏ ନୀଳ ଊର୍ମି ପରି ।
ଇମିତି ନାହିଁ ବିଜନ ଏକ ମୁହୂର୍ତ୍ତ, ଏ ମୃତ୍ତିକାରେ,
ନ ଆସେ ସେହୁ ନୀରବେ ଖେଳି, ଏ ଦେହ ମନରକ୍ତ ଧାରେ ।
କେତେ ଯେ ମୋର ନିମେଷ ବିତେ, ସୁଖ ଦୁଃଖ ଅଭାବ ତଳେ,
ଏ ଓଠ ତଳେ ଫୁଟଇ ହସ, ଲୋଚନୁ ଲୁହ ନୀରବେ ଝରେ ।
ସକଳ ବେଳେ ସିଏ ଯେ ଆସେ ବରଜି କେଉଁ ସ୍ୱପ୍ନପୁରୀ
ମୋ ପାଖେ ହୁଏ ସୋହାଗେ ଠିଆ, ପରାଣ ମୋର ଉଠଇ ପୂରି ।
ମୋ ଦେହେ ମନେ, ମୋ ଗୃହଅଙ୍ଗେ ଦିଏ ସେ ବୁଣି ସ୍ୱପ୍ନ ମୂଠି,
ତାହାରି ଲାଗି ଜାଗିଛି ମୁହିଁ, ଯାଉଛି କେଉଁ ଊର୍ଦ୍ଧ୍ୱେ ଉଠି ।

ଯିବ ସେଇ ଭୂଇଁ

ସେ ସାଇ ସେ ଘରେ ପଡ଼ନ୍ତ ପାଦ ମୋ ଯାଇନ ତହିଁ
ବୁଲିନ ସେ ଗାଆଁ, ଦେଖିନ ସେ ବଣ ପାହାଡ଼ ନଈ ।
ସେ କୁଟୀରେ କେବେ ଚରଣ୍ଟ ଆଦର ପାଇନ ବାରେ
କମିତି ସେ ମାଟି, ରହିଛ ସେ କେଉଁ ସ୍ନେହାଧାରେ ।
କ ମଧୁ ସପନ ବୋଲା ସେଇ ମାଟି ଧରଣୀ ତଳେ,
ମତେ ସିଏ ଖୋଜେ, ଇଚ୍ଛା ମୋ ହୁଏ ଯିବ ମୁଁ ଥରେ ।

ଯାଇନ, ଯାଇନ, ଯାଇ ମୁଁ ପାରିନ କେବେ ତ କାହିଁ
ସେ ବଟ ବକୁଳ ତଳେ ମୁଁ ବସିନ, ନମେଷ ପାଇଁ ।
ସେ ପୋଖରୀ ଘାଟେ ଫଜେ ସକାଳେ ଧୋଇନ ଠିଆ
ଦେଖିନ କେଉଁଠି କଭଳ ଫୁଟିଛ କେତକୀ କଆ ।
ସେଇ ଚୋଟାମାଳେ ପିକ ପାପିଆର କଣ୍ଠ ତାନ
ଶୁଣିନ ଶୁଣିନ ନମିଷକପାଇଁ ଡେରି ମୁଁ କାନ ।

ସେଇ ସାଇ, ସେଇ କୁଟୀର, ସେ ଗାଆଁ କାହିଁକି ମତେ
ଆପଣାର ପରି ଗୁହିଁଅଛି କେଉଁ ସୁଦୂର ପଥେ ।
କଏ ତହିଁ ଅଛି, କେତେ ସାଧନାର ସପନ ସାଥି
ଚଞ୍ଚଳ କରେ ନମିଷୁ ନମିଷେ କ ଧ୍ୟାନ ଗାତି !
ଡାକ ଡାକ କେତେ ସେନେହ ଦେଇଛ ମରମ ଭରି,
ରସମୟ ମୋରେ କରି ସେ ରଖିଛ କେବେ କପରି ।

କଏ କେତେ ଆଉ, ମୋ ଭଳି ଜନରେ କରୁଣା ତାର,
ଏତେ କାହିଁପାଇଁ ? କାଟିଛ ଏ ହୃଦେ କ ମିଠାଗାର !

ଏ ଜୀବନ ଯେବେ ଶୁଖି ଶୁଖି ଆସେ ଗ୍ରୀଷ୍ମ ଆଘାତେ
ପଲ୍ଲବ ଆସେ ତା'ରି ବୁକୁଲେଖା ପାଇଲେ ହାତେ ।

କେବେ ସେ ଦେଖିତ ସେ କେଉଁ ନିମିଷେ ଜାଣିନି ମୁହିଁ,
ମୋରେ ବେଶି ବେଶି ଦିନୁ ଦିନ କିଆଁ ଯାଏ ସେ ଛୁଇଁ ?

ଯିବି ଯିବି ମୁହିଁ, ଯିବି ସେଇ ଭୁଲି, ନଯିବି କିଆଁ ?
ମୋପାଇଁ ଯେବେଠି ଫୁଟିରହିଅଛି ଗୋଟିଏ ଛୁଆ !

ଯିବି ଯିବି ମୁହିଁ, ନଯିବି କେଭଳି କହତ ମତେ ?
ମୁଗ୍ଧ ଧିଆନେ ଯେ ମୋରେ ରହିଛି ଚାହିଁ ସତତେ ।

ଯିବି ଯିବି ମୁହିଁ, ନଗଲେ କରିବ କି ଅପରାଧ ?
ଅପୂର୍ଣ୍ଣ କରି, ରଖିବ କେଭଳି କେତେ ଜନମର କାହାର ସାଧ ?

●

ପାଇଚ

ଏଇ ଘାସ ପଡ଼ିଆରେ ଏ ମୁକ୍ତ ଆକାଶ ତଳେ,
ତୁମ ତୁଲେ କଥା ମୁହିଁ ହୁଏ ଯେବେ ଥରେ ଥରେ,
ଏଇ ରାଜରାସ୍ତାପରେ ତୁମେ ଗଲାବେଳେ ଚାଲି
ତୁମ ତୁଲେ ଯାଏ ଯେବେ ମରମେ ମରମ ଢାଳି ।

ତୁମେ କେବେ ଆସୁଥାଅ, ମୁଁ କାହିଁ ହୋଇଥେ' ଠିଆ
ଆଖିରେ ମିଶିଲେ ଆଖି, ଯେବେ ନାଚିଉଠେ ହିଆ,
ତୁମ ଓଠେ ହସଟିଏ ସୋହାଗେ ଆସିଲେ ଉଇଁ
ନିବିଡ଼ୁ ନିବିଡ଼ କରି ମୋରେ ଯେବେ ଯାଏ ଛୁଇଁ;

ସେତେବେଳେ କେତେ ତୁମ ସାଙ୍ଗ ସାଥି ପରିଜନ
କହନ୍ତି ବିଦ୍ରୂପବାଣୀ ଦୁଃସହ ନିବିଡ଼ତମ ।
ସେ ସବୁରେ ଲବେ ମାତ୍ର ବିକ୍ଷତ ନ ହୋଇ ତୁମେ
ଅନ୍ତର ଦେଇଚ ପାତି ଏ ଦରିଦ୍ର ଅଭାଜନେ ।

ସୂର୍ଯ୍ୟମୁଖୀଟିଏ ପରି ପଡ଼ିଚ ମୋ ପାଖେ ଢଳି,
କାହିଁକି ଚିନ୍ତିତ କବି ପଚାରିଚ କେତେ ଭଳି ?
ଉଡ଼ାଇ ଯାଇଚ କାହିଁ, ସବୁ ଚିନ୍ତା ସବୁ ଭୟ
ପାଇଚ ସେ'ଦିନ ତବ ପ୍ରାଣ ମୁଗ୍ଧ ପରିଚୟ ।

ସେ ବିଜନ ଭୂଇଁ

ସେ ନିଭୃତ ସେ ବିଜନ ଭୂଇଁ
ଧରଣୀର କି ବିରାଟ ଦାନ,
ଯେଉଁଠାରେ ଫୁଟିଉଠେ ନିତି
ଏ ସୃଷ୍ଟିର ମଧୁ ବୀଣା ତାନ ।
ସେ ଭୂଇଁରେ ଯିବାଲାଗି ତମେ
ଅନୁରୋଧ କରିଥିଲ ମତେ,
ବସିଥାନ୍ତ ମୋ କୋଳେ ଘଡ଼ିଏ
କେତେ ଆଶା ଥିଲା ମନପଟେ ।

ହସିଥାନ୍ତ ମନଭରି ତମେ
ଦେଇଥାନ୍ତ ମୋହନ ଆଶ୍ଳେଷ,
କହିଥାନ୍ତ ଜୀବନର କଥା
ଯାହା ନାହିଁ ହୁଅନ୍ତା ନିଃଶେଷ ।
ଗୃହିଁଥାନ୍ତ, ଯେଉଁ ଗୃହାଣୀର
ଧାରେ ଧାରେ ଲୁହ ଆଉ ସ୍ନେହ,
ଅନୁଭବ ଅନ୍ତରେ ଅନ୍ତରେ
ଶୀତକଣ୍ଟା ମାରନ୍ତା ଏ ଦେହ ।

ଯୌବନର ବିମୁଗ୍‌ଧ ସୌରଭ
ତୁମେ ମୋରେ ଦେଉଥାନ୍ତ ବୋଲି,
ଆପେ ଆପେ ଅନନ୍ତ କବିତା
ଫୁଟୁଥାନ୍ତା ମଧୁତାନ ତୋଳି ।
ବିଦାନେଇ ଫେରିବାର ବେଳେ
ଦେଉଥାନ୍ତ ଶେଷ ଆଲିଙ୍ଗନ,
ନିବିଡ଼ ନିବିଡ଼ତମ କେତେ
ହେଉଥାନ୍ତା ପ୍ରାଣର ବନ୍ଧନ ।

ତୁମ ଡାକ କଲି ପ୍ରତ୍ୟାଖାନ
ଗଲିନାହିଁ କ୍ଷଣେ ଦଣ୍ଡେ ଲାଗି,
ସେ ନିଭୃତ ସେ ବିଜନ ଭୂଇଁ
ଥିଲାପରି ଉଠୁଥାନ୍ତା ଜାଗି !
ଜୀବନ ଦୁଃସହ ଲାଗେ ମତେ
ଆଉ କେବେ ନିଭୃତେ ବିଜନେ,
ହୋଇପାରେ ମଧୁ ସମ୍ମିଳନ
ଗଳୁଥିବ ଦରିଦ୍ର ଜୀବନେ ।

ସବୁଜ ବନାନୀ ଘେରା ସେଇ
ସପନର ସେ ବିଜନ ଭୂଇଁ,
ଏବେ ମଧ ଦେଖୁଛି ନୟନେ
ଠିଆ ଯେବେ ହୁଏ ତହିଁ ମୁହିଁ ।
ତୁମରେ ମୁଁ ଖୋଜେ ବହୁବାର
ତହିଁ ତୁମ ସ୍ନିଗ୍ଧ ପଦପାତ,
ଏ ଜୀବନେ ଆଣନ୍ତା ରୋମାଞ୍ଚ
ଛୁଇଁଦେଲେ ତୁମ ସ୍ୱର୍ଣ୍ଣହାତ ।

ତୁମ ଓଠ ପଦେ ମୁଗ୍ଧ ବାଣୀ
ସେ ଅନ୍ତରୁ ଉଠୁଥିଲେ ଫୁଟି,
ତୋଳି ମୁହିଁ ନେଉଥାନ୍ତି କିବା
ସେ ଯେ ମୋର ସପନର ମୁଠି ।
ତୁମେ ମତେ ଡାକଥିଲ କେତେ
କି ହାଠୁରେ ଗୁଡ଼ିଲି ସେ ଡାକ,
ମୁହିଁ ଅଛି, ଅଛି ସେଇ ଭୂଇଁ,
କି ସମ୍ପଦ
ନ ମାଡ଼ିଲେ ତୁମେ ଏଇ ପାଖ ?

●

ସେଇଦିନ୍

ଯେ' ଦିନ ପ୍ରଥମ ପୁଷ୍ପ ଫୁଟିଥିବ
ଏ ମାଟିର କେଉଁ ଅଜଣା ଅଶୁଣା ଲତା ବୁଦା ତଳେ,
ଯେ' ଦିନ ପ୍ରଥମ ତାରା ଉଇଁଥିବ
ନିଃସୀମ ଏ ଆକାଶର ସେ କେଉଁ ସୁଦୂର କଣେ
ବିଧାତାର ଆଶୀର୍ବାଦ ବଳେ !
ଯେ'ଦିନ ପ୍ରଥମ କରି, କୋଇଲି ତା ମଧୁକଣ୍ଠ
କେଉଁ ବନକୁଞ୍ଜମାନେ ଦେଇଥିବ ଡାକ,
ଯେ' ଦିନ ପ୍ରଥମ କରି ବୋହିଥିବ ମୃଦୁଳ ମଳୟ
ଦେଇଥିବ ପ୍ରଥମ ପରଶ ଘାସେ ଘାସେ ବାଡ଼ି,
ଯେ' ଦିନ ପ୍ରଥମ କରି କେତେ କେତେ ସୁନେଲି କଳ୍ପନା ବୋଳା
ତୁମରେ ଗୋ ସ୍ରଷ୍ଟା ଯାଇଥିବ ଗଢ଼ି
ତା'ପରେ ଏ ଧରଣୀରେ ଦେଇଥିବ ଛାଡ଼ି ।
ସେଇ ତମେ ସ୍ନେହମୟୀ, ପ୍ରେମମୟୀ, ପ୍ରାଣମୟୀ ମୋର !
କେତେ ଜନ୍ମଜନ୍ମାନ୍ତର ଧରି
ଏ ମାଟିରେ ବିଚରଣ କରି ରହିଅଛ ତମେ
ମୁଁ ବୋଧେ ପ୍ରଥମ ସାଥି ସେଇଦିନୁ ଆଜଯାଏଁ
ତୁମରି ହୋଇ ରହିଅଛି ଜଣେ !
ସେଇ ତମେ ସେଇ ମୁହିଁ, ସ୍ରଷ୍ଟାର ପ୍ରଥମ ସୃଷ୍ଟି ଦୁଇ,
ଆଖିରେ ପଡ଼ିଲେ ଆଖି, ଦେହରେ ବାଜିଲେ ଦେହ
ବିଦ୍ୟୁତର ସ୍ରୋତ ପରି କେଡ଼େ ବେଗି
ଜାଗିଉଠେ ପ୍ରାଣବନ୍ତ ସ୍ନେହ !
—ଜାଣେନା ଜାଣେନା କେହି
ସୁଦୂର ସେ ଅନାଦି ଅନନ୍ତ କାଳୁ
ଆମରି ଗୁଳିଚ ପ୍ରାଣ ଦିଆଦେଇ !

●

ସେଇ ନୁଆଣିଆ ଚୂଳଘର

ସେଇ ନୁଆଣିଆ ଚୂଳଘର, ଯହିଁ ତାହାର ମୋହର ଦେଖାଚୁହାଁ
ତାହା ତହୁଁ ବଳି ମୁଗ୍ଧ ଭୁବନ, କେଉଁଠି, ନ ଜାଣେ ତା'ର ନାଆଁ ।
ଲାଜେ ଲାଜେ ସିଏ କହେ ମୁଁ ତୁମରି ଏକାନ୍ତ ପ୍ରିୟା ସହଚରୀ,
ଜନମେ ଜନମେ ଚୁହେଁନା ଆଉ କେ ରହିବ ମୋ ବୁକେ ବସାକରି ।
ସତ କି କହୁଛ, ସତ କି ଏ କଥା, ପଚାରିଲେ ମୁହିଁ ଥର ଥର
ମୋ ବୁକୁ ଉପରେ ଢଳିପଡ଼େ ସେହୁ ନୋହି କୁଣ୍ଠିତ ଅବଚଳ ।
ସେଇ ନୁଆଣିଆ ଚୂଳଘର, ଯହିଁ ତାହାର ମୋହର ଦେଖାଚୁହାଁ,
ତାହା ତହୁଁ ବଳି ମୁଗ୍ଧ ଭୁବନ, କେଉଁଠି, ନ ଜାଣେ ତାର ନାଆଁ ।

ଚୁହଁ ମୋରେ ଟିକେ ଭଲକରି ଚୁହଁ, ତୁମ ଚୁହାଣୀର ମଧୁଧାରା
ଏ ମାଟି ଉପରେ ପିଇ ପିଇ ହେବି ଚିରଦିନ ଧରି ମତୁଆରା ।
ଅନ୍ଧ ମୁଁ ଆଜି, ପାଗଳ ମୁଁ ଆଜି, କାହିଁକି ଜାଣେନା ତୁମ ଲାଗି,
ଦିଅ ମତେ ଦିଅ ସେଇ ମହାଦାନ ଯହିଁରେ ଜୀବନ ଉଠେ ଜାଗି ।
ସବୁ ମୁଁ ଦେଇଛି, ସବୁ ଦେବି ମୁହିଁ, କହୁଛି ଶପଥ କରି ମୁହିଁ,
ମୋର ହୋଇ ତୁମେ ଥିଲେ ଏ ମାଟିରେ, କି ବାଧା ପରାଣେ ଯିବ ଛୁଇଁ ?
ସେଇ ନୁଆଣିଆ ଚୂଳଘର, ଯହିଁ ତାହାର ମୋହର ଦେଖାଚୁହାଁ
ତାହା ତହୁଁ ବଳି ମୁଗଧ·ଭୁବନ, କେଉଁଠି ନ ଜାଣେ, ତାର ନାଆଁ ।

ଫେରି ମୁଁ ଯାଉଛି ଦିଅ ଗୋ ବିଦାୟ, କହିଲି ଯେବେ ମୁଁ ହାତଧରି,
ଆଉ କେବେ ତମେ ଆସିବନି ? କଣ, ଏତିକେରେ ସବୁ ଗଲା ସରି ?
ଆସିବି ଆସିବି, ପୁଣି ମୁଁ ଆସିବି, ପୁଣି ମୁଁ ବସିବି ଏଇ ଘରେ
ତୁମର ମୋହର ହୃଦ ଦିଆନିଆ, ତହୁଁ ବଢ଼ି କିବା ମହୀତଳେ ।
ଚୁମ୍ବନ ଦେଇ ସ୍ପର୍ଶି ତା' କରେ, ଦୁଆର ଉଡ଼ାଳେ ହେଲି ଠିଆ,
'ମନ କି ହେଉଛି, ଛାଡ଼ିଯିବା ପାଇଁ ?' କହିଲା ଦରଦୀ ତାର ହିଆ ।
ସେଇ ନୁଆଣିଆ ଚୂଳଘର, ଯହିଁ ତାହାର ମୋହର ଦେଖାଚୁହାଁ
ତାହା ତହୁଁ ବଳି ମୁଗ୍ଧ ଭୁବନ କେଉଁଠି ନ ଜାଣେ ତାର ନାଆଁ ।

ରାଜସ୍ଥାରେ ଚାଲିଲି ମୁଁ ସତ, ଚାଲିକି ପାରିଲି ହେଲେ ବାରେ,
ସେ ଆଖି ଚାହିଁଛି ମତେ ସେଇପରି ସମୁଦ୍ର ପରି ମମତାରେ ।
ରାଜସ୍ଥାରେ ଚାଲିଲି ମୁଁ ସତ, ଚାରିଆଡ଼େ କୋଠା ଧାଡ଼ି ଧାଡ଼ି,
ମୁଁ ଦେଖୁଛି ସେଇ ଚାଳଘର ଖାଲି, ମତେ ବା ଡାକୁଛି ହାତଠାରି ।
ରାଜସ୍ଥାରେ ଚାଲିଲି ମୁଁ ସତ, ମିଶିଗଲି ଲୋକ ଆଡ଼ୁଆଳେ,
ପାଗଳ ପରି ମୁଁ କାହାଭୁଲେ କଥା ହେଉଛି ମୁଁ ନାଇଁ ଜାଣିପାରେ ।
ସେଇ ନୁଆଁଣିଆ ଚାଳଘର, ଯହିଁ ତାହାର ମୋହର ଦେଖାଚାହିଁ।
ତାହା ତହୁଁ ବଳି ମୁଗ୍ଧ ଭୁବନ କେଉଁଠି । ଜାଣେନା ତାର ନାଆଁ

ଆଉ ଆସିଲ ନାଇଁ

ଶୂନ୍ୟ ଲାଗେ ଏ ବନଭୂଇଁ, ଯେଉଁଠି ଯେତେ ବୁଲେ
ଏ ପଥେ ଘାଟେ, ଏ ପ୍ରାନ୍ତରେ ଶ୍ୟାମଳ ଗିରି ଚୂଳେ ।
ସନ୍ଧ୍ୟା ଆସେ, ରାତି ଆସେ, ଆକାଶେ ଫୁଟେ ତାରା
ଜହ୍ନ ଉଏଁ ପାହାଡ଼ ତଳେ, ବୁଣି ରଜତ ଧାରା ।
କିଛି ତ କାହିଁ, ଲାଗେନା ଭଲ ଉଦାସେ ଥାଏ ଗୃହିଁ,
ତୁମେ ତ ଥିଲ, ତୁମେ ତ ଗଲ, ଆଉ ଆସିଲ ନାହିଁ ।

କଅଁଳ ଉଠେ ପତ୍ର କେତେ ଏ ଗଛ ଡାଳେ ଡାଳେ,
ଶୁଭ୍ର ମେଘ ଆକାଶେ ଉଡ଼ି ଯାଏ ସେ କେଉଁ ପାରେ ।
ସେଇ ଚଢ଼େଇ ସିମିତି ଆସି, ସିମିତି ରବ କରେ,
ଗୁଣ୍ଡୁଚିଟି ଲାଞ୍ଜ ଟେକ ଗଛକୁ ଗଛ ବୁଲେ ।
କିଛି ତ କାହିଁ ଲାଗେନା ଭଲ, ଉଦାସେ ଥାଏ ଗୃହିଁ
ତୁମେ ତ ଥିଲ, ତୁମେ ତ ଗଲ, ଆଉ ଫେରିଲ ନାଇଁ ।

ସେଇ କୁଟୀର ସିମିତି ଏବେ ହୋଇଚି ଏଥି ଠିଆ,
ସିମିତି ସେଠି ଫୁଟୁଚି ଫୁଲ, ମହକ ଉଠେ ହିଆ ।
ଏଠି ମୁଁ ବୁଲେ, ସେଠି ମୁଁ ବୁଲେ, ସେଇ କୁଟୀରେ ଯାଏ
ଲେଉଟି ଆସେ, ମରମେ କବା ନୀରବ ସ୍ୱର ପାଏ ।
କିଛି ତ କାହିଁ ଲାଗେନା ଭଲ, ଉଦାସେ ଥାଏ ଚାହିଁ
ତୁମେ ତ ଥିଲ, ତୁମେତ ଗଲ, ଆଉ ଆସିଲ ନାଇଁ ।

ହସିଲେ ହସେ, ବସିଲେ ବସେ, ଗୃହିଁଲେ ଥାଏ ଗୃହିଁ,
ନୀରବେ କେବେ କାନ୍ଦ ଉଠେ, ଜାଣେନା କାହିଁପାଇଁ ।
ତୁମରି ପାଦଚିହ୍ନ ଖୋଜେ, କେଉଁଠି ଥିବ ରହି
ନୀରବେ ଶୁଣେ ତୁମରି କଥା କେ'ଯାଏ କହି କହି ।
କିଛି ତ କାହିଁ ଲାଗେନା ଭଲ, ଉଦାସେ ଥାଏ ଗୃହିଁ
ତୁମେ ତ ଥିଲ, ତୁମେ ତ ଗଲ, ଆଉ ଆସିଲ ନାଇଁ ।

ଆସିବ ନାହିଁ ଆସିବ ନାହିଁ, ଆସିବ ନାହିଁ, ତମେ
ତୁମରେ ଆଉ ଦେଖିବ ନାହିଁ ଏ ଭୂଇଁ କେଉଁ କଣେ ।
ତୁମର ଓଠ ମୁଗ୍ଧ ଭାଷା ଶୁଣିବ ନାହିଁ କାନେ
ତୁମର ବୁକୁର ସ୍ପର୍ଶ ଟିକ ପାଇବ ନାହିଁ ପ୍ରାଣେ ।
କିଛି ତ ଭଲ ଲାଗିବ ନାହିଁ ଉଦାସେ ଥିବ ଗୃହି
ତୁମେ ତ ଥିଲ, ତୁମେ ତ ଗଲ, ଆଉ ଆସିଲ ନାହିଁ ।

●

ଯେଉଁଠି ନାଇଁ

କବି ମୁଁ କବି ଖାଲି, କବିତା ଗାଇଯାଏ ତୁମରି ନାମେ,
କି ମଧୁ ସଂପଦ ଆହରି ଯାଏ ତହୁଁ ମୁଁ ଏକା ଜାଣେ ।
କବି ମୁଁ କବି ଖାଲି, ତୁମରେ ଦେଖିଦେଲେ ନିମିଷେ ଲାଗି,
ଠିଆ ମୁଁ ହୋଇରହେ, ଉଠେକି ବିଦ୍ୟୁତ୍, ମରମେ ଜାଗି ।
କବି ମୁଁ କବି ଖାଲି, ଗୋଟିଏ ଚୁମ୍ବନ ତୁମରେ ଦେଲେ,
ଶସ୍ୟ ଶ୍ୟାମ ଭୂଇଁ ଉକୁଟି ଉଠେ ମୁହୁଁ କ୍ଷଣିକ ପରେ ।

କବି ମୁଁ କବି ଖାଲି, ତୁମରି ସମ୍ମୁଖେ ହେଲେ ମୁଁ ଉଭା,
ଆସିବ ନାଇଁ ଜରା, ମୁଁ ଥିବି ଚିରଦିନ ତରୁଣ ଯୁବା ।
କବି ମୁଁ କବି ଖାଲି, ଟିକିଏ ଆଶ୍ଳେଷ ପାଇଲେ ତବ,
ବିଶ୍ବରେ ଧରଣୀରେ ଆଉ କି ଦାନ ଏତେ ବରିଷ୍ଠ ହବ ?
କବି ମୁଁ କବି ଖାଲି, ସାଗର କଲ୍ଲୋଳ ପରିଏ ମୋତେ
କରେଗା ଉନ୍ମାଦ, କରେଗା ତନ୍ମୟ ଜୀବନ ପଥେ ।
କବି ମୁଁ କବି ଖାଲି, ତୁମରି ବୁକୁତଳ ସପନ ମାୟା
—ଭିତରେ ରଖ ମୋରେ, ଯେଉଁଠି ନାଇଁ ଧରା କାଳିମା ଛାୟା ।

ତୁମେ ମୋର କବି, ତୁମେ ମୋର ପ୍ରିୟ !

ଯେତେ ଯହିଁ ଥାଉ କାମଦାମ
ଏ ନିଃସ୍ୱ କୁଟୀରେ ଆସିବ ଆସିବ ସଖା
ଯେ ମୋରେ କହିଛି ବାର ବାର କରି,
କେମନେ କହିବି
ବିଚ୍ୟୁତ ହୋଇ, ତା' ବୁକୁ ଭିତରୁ
ଦୂରେ ମୁଁ ହୋଇଛି ରଖା !

ଆସିପାରିବନି ? ମୁଁ ଯେବେ ତୁମରି ଏତେ ଅନ୍ତରତମା,
ଅଳପ ଟିକିଏ ମନକଲେ ତମେ ପାରିବ ପାରିବ ଆସି,
ଯେ ମୋରେ କହିଛି ବାର ବାର କରି,
କେମନେ କହିବି
ତା' ଶୋଣିତ ପ୍ରତି ବିନ୍ଦୁ ଭିତରେ ଉଠୁନି ମୁଁ ଉଦ୍‌ଭାସି !

ତୁମରି ଓଠର ମଧୁ ଚୁମ୍ବନ ଏତେ ଭଲଲାଗେ
ଯେ ମୋରେ କହିଛି, ଓଠର ଭାଷାରେ ନୁହେଁ
ବୁଲାଇ ତାହାର ସେ କେତେ ବାଙ୍କେ
ଆଖିର କଜଳ-ଡୋଳା,
କେମନେ କହିବି
ଚିର ଦିନପାଇଁ ପରାଣ ପାତ୍ର ମୋପାଇଁ ରଖିନି ଖୋଲି ?

ଯେ ମୋରେ କହିଛି ଲାଜେ ଲାଜେ,
ଅଧେ ଚୁହିଁତ ନଚୁହିଁ, ସରାଗେ ବଦନ ପୋତି,
ତୁମେ ମୋର କବି, ତୁମେ ମୋର ପ୍ରିୟ
ଜନମ ଜନମ ଧରି,
କେମନେ କହିବି
କେତେ ସପନର ମଧୁ-ସମ୍ପଦ
ତା'ପାଶେ ନୁହେ ମୋ ନିଃସ୍ୱ ଜୀବନ ଗୋଟି !

●

ଉଠୁଛି ତଳି

ସେ ଦିନ ଥିଲା ଅନ୍ଧକାର ନିବିଡ଼ ଅତି ନିବିଡ଼ତର
ସେ' ଦିନ ମୁହିଁ ପାଗଳ ପରି ବୁଲିଛି କେତେ ରାସ୍ତାକଡ଼ ।
ସେ'ଦିନ ମୋର ନଥିଲେ କେହି ବନ୍ଧୁ ସଖା ସୋଦର ସାଥି
ଦୁଃଖ ଭୟେ ସେ'ଦିନ ଥରି ଉଠିଛି ମୋର ନିଃସ୍ୱ ଛାତି ।
ସେ'ଦିନ ତମେ ଦେଖିନ ମତେ, ତୁମରେ ମୁହିଁ ଦେଖିନି ବାରେ
ଜାଣିନ ମୋର ବୁକୁର କୋହ ଫୁଟିଛି କମିତି ଅଶ୍ରୁ ଧାରେ ।
ସେ'ଦିନ ଥିଲା ଅନ୍ଧକାର ନିବିଡ଼ ଅତି ନିବିଡ଼ତର
କହିଲେ କହି ପାରିବ ନାହିଁ, ବୁଲିଛି କେତେ ରାସ୍ତାକଡ଼ ।

ରାସ୍ତାଘାଟ ପାହାଡ଼ ବଣ, ଯେଉଁଠି କେତେ ବୁଲିଛି ମୁହିଁ
କେହି ତ ମୋର ବୁକୁର ବ୍ୟଥା ପାରିଲେ ନାହିଁ ନିମିଷେ ଛୁଇଁ ।
ସୁଦୂର ନଭ ଚନ୍ଦ୍ର ତାରା ମୋପାଇଁ ଅବା ଲୁଚିଲେ ଦୂରେ
ଗୋଟିଏ କାହା ପାଦର ଶବ୍ଦ ଶୁଭିଲାନି ମୋ କୁଟୀର ପୁରେ ।
କାହାରେ କେତେ ଡାକିଛି ଡାକ, ଆସିଛି ମୁହିଁ ନିରାଶେ ଚଳି
ଚତୁର୍ଦ୍ଦିଗେ ହୃଦୟ ହୀନ, ମୋ ଲାଗି ସାରା ବସୁନ୍ଧରା ।
ରାସ୍ତା ଘାଟ ପାହାଡ଼ ବଣ ଯେଉଁଠି କେତେ ବୁଲିଛି ମୁହିଁ
ରହିଲେ ମୂକ ସତେ ବା ଏ ମୋ କେତେ ଯୁଗର ଅଜଣା ଭୁଇଁ !!

ସେ'ଦିନ ମତେ ତୁମେ ତ କାହିଁ ଖୋଜିଲ ନାହିଁ ନିମେଷପାଇଁ
ଟିକିଏ ମତେ ମାରିବେ ଚାହିଁ, ମାରିବେ ନାହିଁ ପାରିଲ ଯାଇ ।
ଆଖିରୁ ଗୋଟିଏ ଅଶ୍ରୁ ଦେଇ, କହିଲ ନାହିଁ ପଦିଏ କଥା
ଅନ୍ଧକାରେ ନିଭିଲ ମୁହିଁ, ନିଭିଲା ମୋର ବକ୍ଷ ବ୍ୟଥା ।
ତୁମେ ତ ଥିଲ, ନଥିଲ ତମେ ? ଟିକିଏ ଆସି ହେଲିନି ଠିଆ
ମୋପାଇଁ ଯେବେ ମୁକ୍ତ କରି ରଖିଛି ତୁମ କୋମଳ ହିଆ ।
ସେ'ଦିନ ତମେ, ମତେ ତ କାହିଁ ଖୋଜିଲ ନାହିଁ ନିମେଷପାଇଁ
କେଉଁଠି ତମେ ମୋପାଇଁ ଥିବ, ଆସୁ ବା ଥିବ ରହିଲ ଚାହିଁ ।

ଅନ୍ଧକାରେ ଅନ୍ଧକାରେ ନିବିଡ଼ ଘନ ଅନ୍ଧକାରେ
ସେ ମାଟି ଛାଡ଼ି ଆସିଲି, ଆଉ ସେ ମାଟି ନାହିଁ ଛୁଇଁ ବି ବାରେ ।
ସେତିକି ବେଳେ ତୁମେ ତ ଥିଲ ? ଟିକିଏ ମୋର ହାତଟି ଧରି
କହିଲ ନାହିଁ ଯାଉଚ ତମେ ? ପାଷାଣ ହେଲ ସବୁରି ପରି ।
ଅପେକ୍ଷା ମୁଁ କରିଚି କେତେ, ଆସିଲି ବେଳେ ରାସ୍ତାଘାଟେ
ତୁମରେ କାହିଁ ଦେଖିଲି ନାହିଁ ପଛକୁ ଫେରି ଚାହିଁଲି କେତେ ।
ଅନ୍ଧକାରେ ଅନ୍ଧକାରେ ନିବିଡ଼ ଘନ ଅନ୍ଧକାରେ
ଅନ୍ଧକାର ପାଲଟି କାହିଁ ରହିଲ, ନାହିଁ ଦେଖିଲି ବାରେ ।

ସେ ମାଟି ବିଲ ପାହାଡ଼ ବଣ, ରାସ୍ତାଘାଟ ଆସିଲି ଛାଡ଼ି
କିଏ ତ ପଦେ କହିଲେ ନାହିଁ—କୁଆଡ଼େ ତମେ ଯାଉଚ ଚାଲି ?
ପାଶୋରି ଦେଲ କିଏ ସେ ତହିଁ ପଛୁରୁ ଅବା ନ ଖୋଜୂ ମୋତେ
ତୁମେ ତ କିନ୍ତୁ ନିଭିଲ ନାହିଁ ନିଃସ୍ୱ ମୋର ଯାତ୍ରା ପଥେ ।
ଏବେ ବି ସବୁ ଯାଇଚି ନିଭି, ଯାଉ ସେ ନିଭି ସୁଦୂର ପାରେ
ତୁମରି ଲାଗି ଅଶ୍ରୁ ମୋର ରହିଚି ଜାଗି ଏ ଆଖି ଧାରେ ।
ଆସିଲି ଛାଡ଼ି ପାହାଡ଼ ବଣ ରାସ୍ତା ଘାଟ କନ୍ଧ ଗଳି
ତୁମରେ ଛାଡ଼ି ପାରିଲି ନାହିଁ ଏ ଆଖି ଲୁହେ ଉଠୁଚି ଜଳି ।

●

କି ଦେବ ଉତ୍ତର ?

ସେ ମୋତେ ପଚାରିଲା ଥରକୁ ଦୁଇଥର କରି
ଓଠେ ତା' ମଧୁହାସ ମରମେ କି ମମତା ଭରି !
ତ୍ୟାଗି ଏଇ ଭୂଇଁ ଗଲ ସେ ଚାଲି କେଉଁ ଦୂରେ
ଆଉ ତ ଆସିଲନି ନିମିଷେ ହେଲେ ଏଇ ପୁରେ
ତୁମର ହୋଇ ଏଥି କେହି କି ଜଣେ ହେଲେ ନାଇଁ,
ସଭିଏ ଶତ୍ରୁ କି ପାଲଟିଗଲେ ତୁମ ପାଇଁ ?
ଏ ବାଟେ ଆସ ଯାଅ ଟିକିଏ ରହନାଇଁ ତମେ
ଟିକିଏ ଭଲ ନାଇଁ ତୁମର କିଏ ଥିବ ଜଣେ !
ଜାଣିଚି ବୀରପରି ଯାଇଚ ସଂଗ୍ରାମ କରି
ଜାଣିଚି କେ ତୁମରେ ଦେଲେନି ସମ୍ମାନ ଭରି
ତୁମରି ବୀର ହିଆ ସହ୍ୟ ନାଇଁ କରିପାରେ
ଯେଉଁଠି ଅନାଚାର ପ୍ରାଣର ମଧୁତାନ ମାରେ ।

ଏ ମାଟି ଚାହିଁପାରେ ତୁମକୁ ସାତ ହୀନମାନେ
ତୁମକୁ ଠେଲିପାରେ ଦୂରରୁ ବହୁଦୂର ଥାନେ ।
ଶତ୍ରୁପରି ଚାହିଁପାରେ ଏ ଭୂଇଁ ପ୍ରତି ଆଖି
ନିଜର କରି କିଏ ତୁମକୁ ନାଇଁପାରେ ଡାକି ।
କିନ୍ତୁ କବି ମୋର ! କହିଲ ତ ମୁଁ ତୁମର ନୁହେଁ ?
ଦେଖିଲି ଆଖି ତାର ଆର୍ଦ୍ର ହୋଇଆସେ ଲୁହେ ।
କହିଲ ତୁମ ବୁକୁ ମୋ ବୁକୁତଳ ନାଇଁ ଛୁଏଁ ?
ଚାହିଁବା ପାଇଁ ଆଉ ଆଖିରେ ମନ ନାଇଁ ହୁଏ ?
ମୁଁ ନୁହେଁ ତୁମର ? ତୁମରି ଶୋଣିତର ସାଥି ?
ତୁମରି ପାଇଁ ମୁଁ କି ରଖିଚି ସଇତାନ ସ୍ମୃତି ?
କି ଦେବ ଉତ୍ତର, ରହିଲି ନିର୍ବାକେ ଚାହିଁ,
ମୁଁ କେଡ଼େ ସଇତାନ ମୁଁ ଯେବେ ତାର ହେବ ନାଇଁ ।

●

ପାରିବ ନାହିଁ ତୁମେ ଜାଣି

ବିଦାୟ ଦେବ ମତେ ପାହାଡ଼ ବନ ଭୂଇଁ
ବିଦାୟ ଦେବ ମୋରେ ରାସ୍ତାଘାଟ,
ବିଦାୟ ଦେବ ମୋରେ ଯେତେଠି ଯିଏ ଯହିଁ
ଆସିଲେ ସରି ମୋର ଟିକିକ ନାଟ !
ହସିଚି ଖେଳିଚି ମୁଁ ଚାଲିଚି କେତେ ଲୁହ
ଏ ଟିକ ଭୂଇଁ ପରେ ବିତାଇ କେତେ କାଳ
କେତୋଟି ଦିନ ପାଇଁ, ଏ ସବୁ ମନେପଡ଼ି
ହୁଏତ ନିଭିଯିବ ସେ କେଉଁ ପରପାର ।

ହୁଏତ କିଏ ମୋରେ ପାଶୋରି ଦେଇପାରେ
ଆଜିର ଏ ନିମେଷେ ମରମେ ଅନୁଭବି
ଅବା କା' ଆଖିରେ ମୁଁ କେବେ ବା ଦିଶିଯିବି
ସେନେହ ଆଦରର ଗୋଟିଏ ଟିକି ଛବି !
ଅଥବା କାହାର ସେ ବିଶାଳ ବୁକୁତଳେ
ଚିହ୍ନ ମୋହର ବା ରହିବ ନାହିଁ ମୋଟେ
କିଏ ସେ ଭୁଲିହେଲେ ହୁଏତ ଭୁଲିପାରେ
ଏ ମହା-ମାଟିରେ ମୁଁ ବିଦରକାଷ୍ଠ ଗୋଟେ !

କିନ୍ତୁ ତୁମେ କେହି ପାରିବ ନାହିଁ ଜାଣି,
ଏଇଠି ଜଣେ ଅଛି, ଧରଣୀ ମାଟି ପରେ
ବିଦାୟ ସିଏ ମୋରେ ପାରିବ ନାହିଁ ଦେଇ
ମୋରେ ସେ ରଖିଥିବ ନିଭୃତ ଧରି ତାର
ସ୍ୱର୍ଣ୍ଣ-ବୁକୁ ତଳେ

ମୁଁ ତାରେ ପାରିବନି ପଦିଏ କଥା କହି
ତୁମଠୁ ବିଦା ହୋଇ ଯାଉଚି ଆଜି ବୋଲି;
ପ୍ରାଣର ସେ ବିଦାୟ ତା'ପାଶେ ନାହିଁ ମୋର;
କହିଲେ କହିବ ମୁଁ ତା'ପାଖେ ବୁକୁ ଖୋଲି ।

ସେ ଜାଣେ ମୁହିଁ ଜାଣେ, ପାରିବେ ନାହିଁ ଜାଣି
ତାହାର୍ ଆତ୍ମୀୟ ସୋଦର ସିଏ ଯହିଁ,
ଯେ ମଧୁ ଢାଆନଆ ସିଏ ତ ମୋ ଭିତରେ
ପୃଥିବୀ କହିଲେ ବି ପାରିବ ନାହିଁ କହି ।

ଛାଡ଼ି ଏ ଗାଆଁ ଘର, ଛାଡ଼ି ଏ ବନଭୁଇଁ
ଛାଡ଼ି ଏ ବାଟ ଘାଟ ଏ ନଈ ଏ ପାହାଡ଼
ଦୂରରୁ ଦୂରେ କାହିଁ ରହିବ ସିନା ମୁହିଁ
ଛାଡ଼ି ମୁଁ ପାରିବନି ତାହାରେ ଏକବାର ।
ଏଇଠି ଅଛି ସିଏ ଦେଖୁଛ ତୁମେମାନେ
ଯାଏ ସେ ଏଇ ବାଟେ, ରହେ ସେ ଏଇ ଘରେ ।
କିନ୍ତୁ ପାରିବନି ନିମେଷ ପାଇଁ ଜାଣି
ଊର୍ମିଟିଏ ପରି ସେ କେଉଁ ସାଗରର
ଅମିତ ଉଲ୍ଲାସେ ମୋହଠି ଢଳପଡ଼େ ।

ବିଦାୟ ନେଇ ମୁହିଁ ଯାଉଛି ଏ ମାଟିରୁ
ହୁଏତ ଲେଉଟାଣି ମୁଁ ନାହିଁ ଆସିପାରେ,
ତାହାଠୁ ବିଦାୟ ମୁଁ ପାରୁନି ମୋଟେ ନେଇ
ବିଦାୟ ଦିଅ ମୋରେ ସେ କହି ପାରିବନି,
ମିଞ୍ଜି ରହିଛି ମୁଁ ତା ବୁକୁ ଶୋଣିତର
ପ୍ରତିଟି ଧାରେ ଧାରେ ।

ଏଇଠି ସିଏ ଅଛି, ଏ ମାଟି ଟିକିକରେ
ମୁଁ ତାହାପାଇଁ ଥିବି, ନ ଥିବି କାହାପାଇଁ,
ତୁମେ ତ କେହି ଏଥି ପାରିବ ନାହିଁ ଜାଣି
ତା ଆଖି ଲୁହ ବୁନ୍ଦେ ତୁମର ଲୁହ ପରି
ସେ କେତେ ଜନମରୁ ବୋହୁଛି ମୋହ ଲଗି,
ପାରିଛ ପାରିଛ ମୁଁ ସେ ଅନୁଭବ କରି ।।

ଏ ବାଟେ ଆସେ ଯାଏ ଦେଖୁଚ ତୁମେମାନେ
ଏ ମାଟି କୁଡ଼ିଆରେ ଜାଣିଚ ରହେ ସେହି
ତା.ଛଡ଼ା ତୁମେ କିଛି ପାରିବ ନାହିଁ ଜାଣି
ତା' ଗୃହ, ତା ଗୃହିଣୀ, ତା' ହସ, ତା'ର ଲୁହ
—ଏସବୁ ଭିତରେ ଯେ କି ମଧୁ-ସମ୍ପଦ
ମତେ ସେ ଗୃହଅଛି ନଇତ ଦେଇ ଦେଇ ।

●

ମରୁମାଟିର ସ୍ୱପ୍ନ

ସ୍ୱପ୍ନ ଯେବେ ନଭିଯାଏ,
ନଭିଯାଏ ଜୀବନର ସବୁ ବଇଭବ,
ଖଣ୍ଟା ଗଛଟିଏ ପରି
ସେ କେଉଁ ବିଜନ ପ୍ରାନ୍ତରେ
ଠିଆ ହୋଇ ରହିବାରେ
କିବା ଗଉରବ ?
ଫୁଲ ଆଉ ଫୁଟିବନି ?
ପତ୍ର ଆଉ କଅଁଳିବ ନାହିଁ ?
ଗନ୍ଧ ଆଉ ଯିବନି ଚହଟି ?
ପ୍ରାଣହୀନ, ପ୍ରାଣହୀନ,
ଖାଲି ପ୍ରାଣହୀନ ଲଗୁଥିବ
ଏ ଜୀବନ ଏ ଧରଣୀ
ନଘା ସିନ୍ଧୁ ବାଲବଣ ଲଟି !
ତୁମେ କଣ ଚାହଁ ମୋରେ ରଖିବାକୁ
ହୀନମାନ କରି ଏଇପରି ?
ତୁମେ କଣ ଚାହଁ ମୋ ଭିତରୁ
ଫୁଟାଇବ ନାହିଁ ସେଇ ମୋହନ ବାଂଶୀ ?
ତୁମେ କଣ ଚାହଁ ମୋର ଜୀବନ୍ତ ସମାଧି ଏ ମାଟି ଉପରେ ?
ତୁମେ କଣ ଆଉ ଦେବନାହିଁ
ସେଇ ରସ-କଣିକା ଟିକିଏ
ଯାହାର ଟିକକ ପରଶ ଧେନ
ଜୀବନ୍ତ ଉଠିବ ହୋଇ ଏକ ମୁହୂର୍ତ୍ତରେ !
ତୁମେ ଆଉ ଚାହିଁବନି ?
ଯେଉଁ ଚାହାଣୀର ଯାଦୁସ୍ପର୍ଶ ଲଭି
ଆଖିର ଗୋଟିଏ ପଲକରେ
ମୋ ଭିତରୁ କବିତାର କଲତାନ
ଉଠିବ.ସମ୍ଭବ !

●

ସୁଦୂରେ

ବିଜନ କୁଟୀରେ ବସି ଏ ସୁଦୂର ଗାଏଁ
ରୁନ୍ଧୁଁଚି ଗୁରଆଡ଼େ ଗଛପତ୍ର ପାହାଡ଼ ପ୍ରାନ୍ତର;
ଏତେବେଳେ ତୁମର ଅମୃତ-ସ୍ମୃତି
ମତେ କରିଦିଏ ଅଥୟ ଚଞ୍ଚଳ ।

ପ୍ରାଣ ମୁଁ ଦେଇଚି ଯେବେ
ପାଇବିନି ତୁମଠୁ ମୁଁ ପ୍ରାଣ ?
ମୁଁ ଯେବେ ଗୋଟିଏ ମୁହୂର୍ତ୍ତ ପାଇଁ
ଛଳନାର ଆଖି ଢାଳି,
ରୁହିଁନ ତୁମରେ,
ମୁଁ କମିତ ତୁମର ସେ
ସ୍ୱର୍ଣ୍ଣବୁକୁ ଢିକ୍କୁ ଏକବାର ହେବ ଅନ୍ତର୍ଦ୍ଧାନ ?
ବଞ୍ଚିଚି ମୁଁ, ତୁମର ଗୋଟିକ ଯାକ ହୋଇ
ତୁମର ଭିତରେ,
ବଞ୍ଚିଥିବି ଯେବେ ଏଇପରି,
ଏ ତ ମୋର ପ୍ରାଣର ଐଶ୍ୱର୍ଯ୍ୟ
ଆଉ କି ସମ୍ପଦ ମତେ
ଦେବ ବଡ଼ କରି ?

ମାଗିଥିଲି ଯେ ମାଗୁଣି ଟିକ

ମାଗିଥିଲି ଯେ ମାଗୁଣି ଟିକ ଦେଲନାହିଁ, ଦେଲନାହିଁ ମତେ,
ପ୍ରାଣହୀନ ଶିଳାଖଣ୍ଡ ପରି ରହିଲ ମଉନ,
ଫେରିଲି ମୁଁ ଆପଣାର ପଥେ;
ଶିଶୁପରି ଥରି ଥରି କରି ମାଗିଚି ମୁଁ ବହୁବାର ହାୟ !
କହିଚି ମୁଁ ହାତ ତବ ଧରି, କରନାହିଁ ମୋରେ ନିଃସହାୟ !
ସେଇ ମୋର ମାଗୁଣି ଟିକକ, ତା' ଭିତରେ କେତେ ସ୍ୱପ୍ନ ନାହିଁ
ଦିଅନା ଦିଅନା ସେଇ ବିରାଟ ମଧୁର ସ୍ୱପ୍ନ
ଭାଙ୍ଗି ତମେ ଚିରଦିନ ପାଇଁ ।

ଗୋଟିଏ ପଲକର ଦାନ, କେତେ ଜନ୍ମ ଧରି ତାର ଥଳ,
ଦିଅ ମୋତେ ଦିଅ, ଗୋଟିଏ ଭିକ୍ଷୁକ ପରି ମାଗେ ମୁହିଁ
ହାତ ମୋର ପାତି,
'ଫେରିଯିବ ?' 'ଯାଅ ଫେରିଯାଅ' କହିନ ତ ଓଠ ଫେଇ ମୋରେ,
'ଦେବନାହିଁ ?' ନାସ୍ତି କରନାହିଁ କେବେହେଲେ ରୋଷଦୀପ୍ତ ଡୋଳେ ।

'କେବଳ ରହିଚ ଚୁହିଁ'
ମୋ ମାଗୁଣି ଟିକ ଶୁଣୁଅଛ ଖାଲି କାନ ପାତି
'ଦିଅ ଦିଅ' ତଥାପି ତ ରହୁଚ ମଉନ
ସେ ଦାନ କି ବିରାଟ !
ଏତେ ସହଜରେ କିଏ କି ପାଆନ୍ତି ?
'ଫେରି ମୁଁ ଯାଉଚି !'
ଆସିଲି ମୁଁ ଅର୍ଦ୍ଧପଥ ଯାଏଁ ଚାଲି
ତୁମେ କିନ୍ତୁ ପଶ୍ଚାତେ ଆସିଲ ମୋର କହି କହି 'ଆସିବତ କାଲି ?'
'ଆସିବି ?' ହିଁ ଆସିବ ଆସିବ ଏ କି ଅଭିନୟ !
ଅନ୍ତର ମାଗୁଣି ମୋର ଦେବାଲାଗି ହିଏ କୁଣ୍ଠିତ କାତର
ତାର ପୁଣି ଏ କି ଅନୁନୟ ?

ପ୍ରାଣର ମାଗୁଣି ମୋର ଦେବ ତମେ ? ତଥାପି ତ ଦେଲନ ଉତ୍ତର
"ଆସିବ ଆସିବ ତମେ, ନିଶ୍ଚୟ ଆସିବ"—ଇଏ କି ଅନ୍ତର ?
'ମୋ ମାଗୁଣି ଦେବ ନାହିଁ,' ମାଗିଛି ଯା ଥର ଥର କରି
ଆସିବ ଆସିବ ତମେ, ଆସିବ ନିଶ୍ଚୟ, ଶୁଣୁଛି ମୁଁ !
'ଏ କି ମାୟା'
'ଦେବନି ମାଗୁଣି ମୋର ?'
'ଆସିବ ଆସିବ' ଶୁଣୁଛି ମୁଁ ଚତୁର୍ଦ୍ଦିଗ ଭରି ।

ମୁକ୍ତ

ସେଇ ମାଟି ସେଇ ଘର, ସେ ବଣ ପାହାଡ଼ ଲତା
ସେଇ ବାଟ ଘାଟ ସେଇ ଗଳି କନ୍ଦି, ସେ ପଥର ଇଟା,
ସବୁ କିପାଁ ମନେପଡ଼େ, ମନେପଡ଼େ ଏ ସବୁର ସହ
ସେଇ ଜଣେ ଯା' ମଧୁ ବନ୍ଧନ ମତେ ବି ରଖିଚି କରି ଉନ୍ମନ ଅଥୟ ।
ବସିଥିଲେ ଏକାକୀ ବିଜନେ, ତା' ସ୍ୱରୂପ ଯାଏ ଦିଶି ଦିଶି
ଶୋଇଥିଲେ ଅର୍ଦ୍ଧ ସଚେତନେ ତାର ସ୍ମୃତି ଉଠଇ ଉଦ୍‌ଭାସି !
ଇମିତି ଜୀବନ୍ତ ହୋଇ, ମନେହୁଏ, ସେଇ ସ୍ୱର୍ଣ୍ଣ ବସୁନ୍ଧରା
ଏଠି ଯେମିତି ଲୀଳାୟିତ ହୋଇଉଠେ କେତୋଟି ମୁହୂର୍ତ୍ତ ପାଇଁ ପରା ।

କେଡ଼େ ଭାଗ୍ୟ ଥିଲେ ଏ ସମ୍ପଦ ଭାସିଆସେ କୁହୁକ ପରାଏ
ମୁହିଁ ସେଇ ଭାଗ୍ୟବାନ କିବା, ପାଇଚି ମୁଁ ଯେ ମୁଗ୍‌ଧ ପରଶ—
ତାର ଏକ ବିନ୍ଦୁ, କେହି ଏ ମାଟିରେ ପାଇନଥିବେଟି ହାଏ ।
ଘର ମୋର ଗାଁ ମୋର ସକଳ ସମ୍ପତ୍ତି ମୋର ସେଇଠାରେ ଠୁଳ
ମୋରେ ଯେ ପ୍ରତି ମୁହୂର୍ତ୍ତରେ ରଖିଚି କରି ଆନନ୍ଦ ବିହ୍ୱଳ ।

ମୁଁ ଥାଏ ମରୁର ବକ୍ଷେ, ଥାଏ କେଉଁ ଅପନ୍ତରା ଥାନେ
ଆରପାରେ ଯାଏ କାହିଁ କେତେବେଳେ
ସବୁଠି ସେ ରହିଚି ମୋ ପ୍ରାଣେ ପ୍ରାଣେ ପ୍ରାଣେ ।
ଦେଇ ତାର ସେଇ ମୁଗ୍‌ଧ ଦାନ ।
ସେ ମାଟି ଉପରେ ମୁହିଁ ତାହା ଭୁଲେ ବୁଲୁଚି ନିୟତ
ଦେଖୁଚି ମୁଁ ସେ ପାହାଡ଼ ବନସ୍ତ ଲତା
ସେ ପଥର ଇଟା
ସେଇ ଘର ସେଇ ଗାଆଁ
ସବୁ ଠିକ୍ ଆଗପରି ରହିଚି ଅମ୍ଳାନ ।
ମୁକ୍ତ ମୁହିଁ ତାହା ସହ ସେ ମାଟିର ସହ
ବିଯୁକ୍ତିର ପ୍ରଶ୍ନ ସେଠି ନାହିଁ
ଅନନ୍ତ ବିସାରେ ଚଳା ଯେଉଁଠି ପ୍ରଣୟ !

ହେ ପାହାଡ଼ !

ସମ୍ମୁଖେ ଦିଶୁଛି ଯେଉଁ ପାହାଡ଼ ପାଚେରି
ତାରେ କିଆଁ ବାରବାର ଚାହେଁ ଫେରି ଫେରି ।
ଆରପାଖେ ତାର
ଗୋଟିଏ ସୁନ୍ଦର ଭୁଇଁ ବୁଲି ମୁଁ ଆସନ୍ତି ହେଲେ
କିଏ ମୋର ଅଛି ତହିଁ ଏତେ ଆପଣାର ?

ସମ୍ମୁଖେ ଦିଶୁଛି ଯେଉଁ ପାହାଡ଼ ପାଚେରି
ତାର ଏ ସବୁଜ ଗଛପତ୍ର ତଳେ ମାଟି ଗୋଡ଼
ବୁକୁ ବିଦ୍ଧ କରି
ମୋ ଅନ୍ତର ବାଣୀ କଣ ଯିବ ନାହିଁ ଚାଲି ?
ଯେଉଁଠି ସେ ମତେ
ବେଳେବେଳେ ଯାଉଥିବ ଭୁଲି ।

ସମ୍ମୁଖେ ଦିଶୁଛି ଯେଉଁ ପାହାଡ଼ ପାଚେରି
ସେ କି ବୁଝେ ? ସେ କି ଜାଣେ ?
ଏ ଅନ୍ତର ଚିରି
କାହାରେ ପାରିଲି ନାହିଁ
କଥା ପଦେ କହି
ମୋ କଥା ମୋ ଭିତରେ
ଯାଏ ରହି ରହି ।

ସମ୍ମୁଖେ ଦିଶୁଛି ଯେଉଁ ପାହାଡ଼ ପାଚେରି
ମୁଁ ତାରେ ଚାହୁଁଛି ଯେଭଳି
ଆନ ଜଣେ କିଏ ଆରପଟେ ତାର
ଚାହୁଁଥିବ ଠିକ୍ ସେଇପରି;

ହେ ପାହାଡ଼, ଆମ ଦୁ'ଜଣର ସହ
ବନ୍ଧୁ ପରି ରହ ।
ପିଏ ଆଉ ମୁହିଁ
ତୁମରେ ଯାଉଥିବୁ
ନିତି ଛୁଇଁ ଛୁଇଁ;
ଗଭୀରୁ ଗଭୀରତମ
କର ଆମ ପ୍ରାଣର ପରଶ
ହେ ପାହାଡ଼, ହେ ଆଦ୍ୟ ପୁରୁଷ !

●

ଦିନ ଋତୁ ମୋର

ମମତା କମ୍ପିତ ନିବିଡ଼ ଘନାଇ ଆସେ,
ମୁଁ ଯେବେ ହୋଇଚି ଠିଆ ସେ ଦୁଆର ପାଶେ ।
ପାଦ ତାର ଟଳେ ପଡ଼ନ୍ତି ଥରକୁ ଥର,
ଓଠରୁ ଫୁଟୁଚି ହସର ମୁକୁତା ଝର ।
ଚାହିଁ ସେ ପାରୁନି ଲାଜେ ଲାଜେ ଭଲ କରି,
ଏତେ ଦିନ ପରେ ଗଲି ମୁଁ କି ମନେପଡ଼ି ?
—ଅଧେ କହି, ଅଧେ ପାରୁନି, ପାରୁନି କହି,
କି ମଧୁ ମୋ ଲାଗି ଦେହେ ମନେ ଅଛି ବହି ।
ବସୁନ କାହିଁକି ? ଏତେ କିଆଁ ତରତର ?
ମୋ ପାଇଁ ଆସିଚ କି ମହାଭାଗ୍ୟ ମୋର ।
ଚାଲିଯିବ ଇଲେ, ଆସିଲ କାହିଁକି ତମେ,
ଆସିଚ ତ ଏଥି ରହନ୍ତେ ଦଣ୍ଡେ କ୍ଷଣେ ।
ପାରୁନି ପାରୁନି କି ତମେ ଜାଣି ?
ତୁମେ ମୋ ରାଜା, ମୁଁ ତୁମରି ମାନସୀରାଣୀ ।
ନିମିଷକେ ଆସି ନିମିଷେ ଯାଉଚ ଚାଲି,
ଭଲକରି ଅନୁଭବ ମୁଁ ପାରୁନି କରି ।
କି ଅବା ଲଜ୍ଜା, କିବା ସଙ୍କୋଚ ଭୟ,
ବନ୍ଧନ ଯେବେ ଏତେ ଅମୃତମୟ ।
ସେଇଲାଗେ ଆସି, ସେଇଲାଗେ ଗଲେ ଚାଲି,
ଲାଗେ ହୃଦଦେଇ ହୃଦ ନେଇଗଲ ପରି ।
ମଧୁଚୁମ୍ବନ ଦେଲି ତା’ କଅଁଳ ହାତେ,
ବୋଇଲି ମୁଁ, ପୁଣି ଆସିବ ଗୋ ଏଇ ବାଟେ ।
କେଉଁ ସୀମାହୀନ, ଅକୂଳ ବାରିଧି ପରି,
ବକ୍ଷ ମୋ ପାଇଁ ଯେବେ ଗୋ ଦେଇଚ ମେଲି,
ନିଃସ୍ବ କବରେ କରିଅଛ ପ୍ରାଣବାନ,
ଦିନ ମୋର ଋତୁ ଗାଇ ତୁମ ଲାଗି ଗାନ ।

ଦେଖୁଥିବ

ଏକା ଏକା ରହିଛି ମୁଁ ମୋ ଏକା ଜୀବନେ,
ମୁଁ ଏକା ମୋହର ସାଥି ନାହିଁ ଆନ ଜଣେ ।
ନିଜେ ନିଜେ କଥା ହୁଏ ମୁହିଁ ନିଜ ତୁଲେ,
କି ମଧୁ ଧିଆନେ ବୁଡ଼ିଯାଏ ବେଳେ ବେଳେ ।
ଆଖିରୁ ବୋହିଲେ ଲୁହ ନିଜେ ପୋଛିଦିଏ;
ଆହା କରେ ନିଜରେ ମୁଁ ପୁଚ୍ଛି ପଦୁଟିଏ ।
ହସିଲେ ମୁଁ ହସିଉଠେ ନିଜେ ନିଜେ ଏକା,
ବୁଝିଲେ ମୁଁ ବୁଝେ ଏକା ମୋ ସ୍ୱରୂପ ରେଖା ।

ହେ ସୁଦୂର ବିଦେଶିନୀ, ସ୍ମୃତି ପଥେ ମୋର,
ମୋ ଏକା ଜୀବନେ କିପାଁ ହୁଅ ଢଳ ଢଳ ।
ପ୍ରାଣର ଅନନ୍ତ ମାୟା ରଖିଛ ମୋ ପାଇଁ,
ତୁମରେ ଆସିଛି ଗୁଡ଼ି, ବହୁ ଦୂରେ କାହିଁ ।
ମୁଁ ତୁମରେ ନ ଖୋଜିଲେ ତୁମେ ଖୋଜିହୁଅ,
ମୋ ପାଇଁ ରଖିଛ ନେତ୍ରେ ଏତେ ଏତେ ଲୁହ ।
ମୁଁ ତୁମରେ ନ ଡାକିଲେ, ତୁମେ ଦୂରୁ ଡାକ,
ଶୁଣିପାରେ କାନ ପାରି ସତେ ଏତେ ପାଖ ।

କିଏ କେତେ ଭେଟିଛନ୍ତି ଏ ଜୀବନ ପଥେ,
କାହାରେ ରଖିଛି ମନେ ହୁଏ ନାହିଁ ପ୍ରତେ ।
ତୁମ ତୁଲେ ଭେଟ ମୋର ଚିରଦିନ ଲାଗି,
ଥାଏ ରାଜ ବଇଭବେ, ଯାଏ ଭିକ ମାଗି ।
ମଶାଣି ପାଉଁଶ ମୁଠେ ହୋଇଥାଏ ପଡ଼ି,
ତୁମେ ତହିଁ ଆସୁଥିବ ଦିନ ଷୋଳ ଘଡ଼ି ।
ଲୋକୁ ଲୋକେ କେଉଁଠି ମୁଁ ଗଲେକି ଉଭାଇ,
ଦେଖୁଥିବ ସେଠି ତୁମେ ଅଛ ମୋହପାଇଁ ।

●

ସେ ଟିକକ ନେଇ

ନିଭିନାଇଁ ପାରିବନି ନିଭି ଜୀବନର ସେଇ ଦବାନଳ,
ଏ ସୁଦୂର ଅପନ୍ତରା ଏ ବଣ ପାହାଡ଼ ଦେଶ, ଏ ସ୍ୱଜନ ଭୁଲି
ଏଠି ତୁମେ ଜଳଉଠ ସ୍ମୃତିରେ ମୋହର,
ଜୀବନ୍ତୁ ଜୀବନ୍ତ ହୋଇ
ତୁମ ଦେନ ଚତୁର୍ଦ୍ଦିଗ ଏଥି ଲାଗେ ମୋରେ
ଆନନ୍ଦର ଅମୃତର ଗୋଟିଏ ଭୁବନ ଅବା;
ତୁମେ କି ବୁଝୁଚ ଜ୍ୟୋସ୍ନା ! ଆସିଚି ମୁଁ ସକଳ ବନ୍ଧନ କାଟି
ତା’ ଭିତରେ ତୁମେ ମଧ୍ୟ ରହିନାହଁ ହୋଇ ମୋର ସାଥି
ତୁମରେ ମୁଁ ଦେଇଚି ଆଡ଼େଇ କାଠି କୁଠା ପରି,
ରହିଚି ମୁଁ ଏଥି ମୋ ଟିକକ ଧରି;
ତୁମେ କି ଜାଣିନ ଜ୍ୟୋସ୍ନା ! ମୋ ଟିକକ ମୋ ଭିତରେ
ଚିରଦିନ ପାଇଁ ଭଜିବ ସମାଧି
ତୁମେ ଯେବେ ଏକଇ ମୁହୂର୍ତ୍ତ ପାଇଁ ବସିବନି
ମାଡ଼ି ମୋର ଏଇ ହୃଦ ସିଂହାସନ ଗାଦି;
ମୁଁ ଟିକିଏ ଡାକଦେଲେ ତୁମେ ଆସି ହୋଇଯାଅ ଠିଆ
ମୁକୁଳାଇ, ତୁମରି ସେ ରସ-ସିକ୍ତ ହିଆ;
ମୁଁ ଟିକିଏ ଛୁଇଁଦେଲେ
ତୁମ ଓଠୁ ହସ ପଡ଼େ ଝରି, ପ୍ରାଣର ସମ୍ପଦ ପରି
—ନିଏ ମୁହିଁ ତୋଳି !
ତୁମସହ ମୁକ୍ତ ହେଲେ କ୍ଷଣେ ଦଣ୍ଡେ ପାଇଁ
ଅନନ୍ତ ମମତା କିବା ଫିଟିପଡ଼େ ବୁକୁ ଉଛୁଳାଇ ।
—ସେ ସବୁ ଭିତରେ ମୁହିଁ ରହିଚି ରହିଚି ବଞ୍ଚି
କହୁଚି ମୁଁ ସତ,
ତୁମରେ ରଖିଚି ଧରି, ମୋ ବୁକୁର ପ୍ରତି ରକ୍ତ କଣିକାରେ
—ରଖିଥିବି, ଏଇ ମୋର ବ୍ରତ ।

ଚତୁର୍ଥୀର ଚନ୍ଦ୍ର ଗୋଟି, ଅଦୂର ଏ ଶୂନ୍ୟଆର ଚୂଳେ
ନଭିଯିବ ଇଲେ,
ତୁମର ସେ ସୁଦୂର କୁଟୀର ପୁରେ ରହି, ପଗୁର ତାରେ
ପଗୁର ପଗୁର,
ତୁମର ସ୍ମୃତିର ସେଇ ପୂଜା ଉପଗୁର
କରୁଚ କି ନାହିଁ ଏଥି ମୁହିଁ
ତୁମର ସେ ବୁକୁର ଆଶ୍ଳେଷ
ମାଗୁଚ କି ନାହିଁ
ଉନ୍ମନ ପାଗଳ ପରି ଏଥି ବାରବାର
ମୁଁ ଭିଖାରି, ମୁଁ ଦରିଦ୍ର ଅରକ୍ଷ କାଙ୍ଗାଳ
ତୁମ ହିନେ କାଳ କାଳ ! କାଳ !

ସନ୍ଦେଶ ଟିକିଏ ଦିଅ !
ଏ ବାଯୁମଣ୍ଡଳର ଶତ ଓ ସହସ୍ର ସ୍ତର କରି ଅତିକ୍ରମ
ମୋ ପାଖେ ପହଞ୍ଚିଯିବ,
ମୁଁ ଯେବେ ତୁମର ଥିବି ଏତେ ପ୍ରିୟତମ !
ସେ ଦିନର ସେଇ ଦବାନବା
ନଭିନାହିଁ, ପାରିବନି ନିଭି
କହୁଚ କି ଅବା ମଧୁକଣ୍ଠ ଫେରି ?
ଗର୍ବ ମୁଁ କରିବ ସେଇଟିକ ନେଇ ।

କୃତଜ୍ଞ ମୁଁ ଏ ମାଟିର ପାଦତଳେ

ରହରେ ମଟର ବସ୍ ! କ୍ଷଣେ ଦଣ୍ଡେ ରହ
ଏ ଦୁଆରେ, ଏ ସଡ଼କ ଧାରେ,
ରହରେ ମଟର ବସ୍ ! ଚାହେଁ ମୁହିଁ ସେ କୁଟୀରେ
କାହାର ସାମାନ୍ୟତମ ଦେଖା
ମୋ ବୁକୁର ପ୍ରତି ତନ୍ତ୍ରୀ ତଳେ
ଫୁଟାଇବ, ମୋହନ କବିତା;
ଯୁଗଯୁଗାନ୍ତର ପାଇଁ ଯାହା—
କାଳ ଭାଲେ ହୋଇଥିବ ଲେଖା !

ରହରେ ମଟର ବସ୍
ଏ କୁଟୀର ପାହାଚ ଅଗଣା
ସକଳରେ ପକାଏ ମୁଁ ଆଖି,
କେଉଁଠି ସେ ବସିଥିବ
ହୁଏତ ଟିକଏ ଚାହିଁ
ତା' କନକ ଅଙ୍ଗୁଳିର
ମୋହନ ଇଙ୍ଗିତେ
କେତେ ଡାକ ପାରିବ ସେ ଡାକ;

ମୁଁ ବୁଝିବି, ସେ ବୁଝିବ
ସେଇ କ୍ଷଣିକ ଇଙ୍ଗିତର
ମୂର୍ଚ୍ଛନା ଭିତରେ
କି ସମ୍ପଦ ଭାସିଆସେ,
ତ୍ରିଭୁବନ ଯାହା ଜାଣି—
ଘ.ରିବନ ଥରେ !

ରହରେ ମଟର ବସ୍ !
ରହିଲନ, ଗ୍ଲଗଲ
ମୁଁ କଂଭୁ ଟିକଏ
ସେ କୁଟୀରେ ପାଉଚ ତ ଗ୍ଲହିଁ !
ତାରେ ସିନା ପାଉଲନ ଦେଖି,
କଂଭୁ ସେଇ ସମସ୍ତ କୁଟୀର
ତାର ମୁଗ୍‌ଧ ଅନୁଭବ ଘେନ
ମୋରେ ସେହ୍ନେ
ରହୁଚ ଅନାଇଁ !

କହୁଚ ପ୍ରାଣର କଥା
ଶୁଣୁଚ ମୁଁ ଅବା କାନ ପାଉ,
ଲଂଘି କେତେ ପାହାଡ଼ ପ୍ରାନ୍ତର
ଆସିଲଣି କେତେ ବାଟ
ପାଉନ ମୁଁ ଜାଣି;
କେଉଁଠି ମୁଁ ଅଜଣାରେ
ହୋଇଯାଇଅଛୁ ଗୋଳ ।

ମୋରେ କଏ ତନ୍ମୟ ପାଗଳ କର
ଅମୃତର ଅବଗାହେ
ରଖିଅଛୁ ଏଥି ଚରନ୍ତନ ।
ଏ ମାଟି ଦେଇଚ ତାରେ ଜନ୍ମ
କୃତଜ୍ଞ ମୁଁ ଏ ମାଟିର—
ପାଦତଳେ,
କରେ ତାରେ
ହାତଯୋଡ଼ ନମ୍ରତ ବନ୍ଦନ ।

●

ଏଇ ବିଜନତା ସହ

ଏଇ ମହା ବିଜନତା, ଏ ପାହାଡ଼ ପ୍ରାନ୍ତର,
ଏଇ ଗଛ, ଏଇ ନଈ,
ଏଇ ପକ୍ଷୀ କଳତାନ
ଭିତରେ ଅନେକ ସମ୍ପଦ ପର,
ତୁମେ ମୋର ପାଶେ ପାଶେ ରହିଥାନ୍ତ
କେତେ ମୁହଁ ଖାଲିହୁଏ,
ପ୍ରତିଦିନ ଏଠି ଆସି, ପ୍ରତିଦିନ ଏଠି ଯାଏ,
ତୁମ ପାଇଁ ମରମର ଗୋପନ ତନ୍ତ୍ରୀରେ ମମ
ନାଚଉଠେ ଆପେ ଆପେ
ଲକ୍ଷ କୋଟି ଗାନ ।

ପ୍ରାଣର ଅନନ୍ତ ମାୟା ତୁମରେ ମୁଁ ଦେଇଛି ଅଜାଡ଼ି
ଆହୁରି ମୁଁ ଦିଅନ୍ତି ଅଜାଡ଼ି
ଶତ ଓ ସହସ୍ର ରୂପେ,
ବିଜନ ଏ ବନଭୂଇଁ ଧାରେ
ତୁମରି ଓଠର କଥା ଆହୁରି ଲାଗନ୍ତା ମିଠା
ତୁମରି ଆଖିର ସେ ବିମୁଗ୍ଧ ଚୃହାଣି
ଆହୁରି ଲାଗନ୍ତା ସପନ-ବୋଳା
ଏ ମହା ବିଜନତା ତୁଲେ
ତୁମରି ପରଶ
କି ବିଚିତ୍ର ପ୍ରାଣବନ୍ତ ଲାଗୁଥାନ୍ତା ମୋରେ !

ସେ କହେ

"ଜୀବନେ ଏଇ ଦେଖା ହୁଏତ ଶେଷଦେଖା,
ଆଉ ତ ଦେଖା ହେବ ନାହିଁ"
ସେ କହେ "ଏଇ ଦେଖା ନୁହେଁତ ଶେଷ ଦେଖା
ଫେରିବ ପୁଣି ମୋହ ପାଇଁ ।"

"ଜୀବନେ ଏଇ ଦେଖା ପରେ ଗୋ ଜାଣିରଖ
ମୋ ପାଦ ପଡ଼ିବନି ଏଥି"
ସେ କହେ "ତୁମ ପାଦ ଛୁଇଁବ ଏଇ ମାଟି
ଥିବାର ଯାଏ ମୋର ସ୍ଥିତି ।"

"ହୁଏତ ଆସିଲେ ମୁଁ କେବେ ବା ଆସିପାରେ,
ହୁଏତ ଆସି ନାହିଁ ପାରେ"
ସେ କହେ "ହସି ହସି ଆସିବ ନିଶ୍ଚୟ
ମୁଁ ଥିବ ଯେଉଁ ପଥ ଧାରେ ।"

"ଏ ବିଲ ବନଭୂଇଁ ସବୁରୁ ବିଦାନେଇ
ଯାଉଚି ଚିରଦିନ ପାଇଁ"
ସେ କହେ "ନେଇପାର, ମୋହରି ବୁକୁତଳୁ
ବିଦାୟ ନେଇଚ କି କାହିଁ ?"

"ରହିଲେ ଦୂରେ ଦୂରେ, ସେ କେତେ ଦିନ ପରେ
ଏ ସବୁ ପଡ଼ିବ କି ମନେ ?"
ସେ କହେ "ତୁମେ କିବା ପାରିଚ ଅନୁଭବ
ମତେ ଯେ, ସେକି କଣ କ୍ଷଣେ ?"

"ଯେତେ ମୁଁ କହିଲେ ତ ବୁଝିବ ନାହିଁ ତମେ,
ଆସିବ, କି ଅଛି ମୋ କାମ ?"
ସେ କହେ "ମୁହିଁ ଆଉ ମୋହର ନାଆଁ ଗୋଟି
ତୁମର ଏକ ମାତ୍ର ପ୍ରାଣ !"

●

ସେ'ଦିନ ଆସିବ ଫେରି

ସେ'ଦିନ ଆସିବ ଫେରି ଯାଉ ଯେତେ ଜନ୍ମାନ୍ତର ବିତି,
ସେ'ଦିନ ନଭିବ ନାହିଁ ଏ'ଯେ ମୋର ଅନନ୍ତ ପ୍ରତୀତି ।
ସେ'ଦିନ ରହିଛି ଲୁଚି ମହାକାଳ ଗର୍ଭର ମରମେ
ପ୍ରତିନିତି କହିଯାଏ କାନେ କାନେ ମୋର କିଏ ଜଣେ !
ସେ'ଦିନର ଲାଗି ମୋର ଅନନ୍ତ ପ୍ରତୀକ୍ଷା
କେହି ତମେ ପାରିବନି ଜାଣି,

ସେ'ଦିନର ମହାସୂର୍ଯ୍ୟ ଦିଗ୍‌ବଳୟୁ ତଳେ ଉଇଁ ଉଇଁ
ପଶ୍ଚିମର ଗିରି-ଶୃଙ୍ଗେ ଆଉ ନଭିବନି ।

ସେ'ଦିନ ଆସିବ ତମେ
ସେ'ଦିନ ଆସିବ ମୁହିଁ,

ସେ'ଦିନ ତୁମରି ସହି
ହେବ ମୋର କେତେ କଥାଭାଷା ।
ସେ କଥା ସରିବ ନାହିଁ
ସେ ମିଳନ ସିବନି ମଉଳି,
ଫୁଟି ଫୁଟି ଆସୁଥିବ ସେ କେତେ ଯୁଗର
ସଂଚିତ
ପ୍ରାଣ ବିମୋହନ ଆଶା !!

ସେ'ଦିନର ଲାଗି ତମେ ରହିଅଛ ଚାହିଁ,
ମୁହିଁ ମଧ ରହିଅଛି ଚାହିଁ,
ଆମ ଚାହିଁରହିବା ଭିତରେ
ସତ୍ୟ କେବେ ମରିଯାଇନାହିଁ ।

ତାର ସେଇ ଶେଷକଥାପଦ

(୧)

ମୁଁ ଫେରି ପାରିବ ନାଇଁ, ହେବ ନାଇଁ ଏ ଦେଖା ସାକ୍ଷାତ,
ପଡ଼ିଯିବ ଚିରଦିନ ପାଇଁ ଏଥି ମୋର ଆସିବାର ବାଟ !
ତୁମେ ଥିବ ତୁମ ପାଶେ, ରହିଥିବ ମୁହିଁ ମୋର ପାଶେ,
ବେଳେ ବେଳେ ତୁମ ସ୍ମୃତି ମେଘପରି ଅନନ୍ତ ଆକାଶେ
କରୁଥିବ ଦେହମନ ସମାଛନ୍ନ ମୋର, ପୁଣି କାହିଁ ଯାଉଥିବ ଚାଲି
ମୁଁ ତୁମର କେଉଁଠାରେ ଥିବ ବା ନ ଥିବ
ମୋରେ ତଳେ ଯାଉଥିବ ଭୁଲି ।
ସେଇ ମୋର ଦୁର୍ଲଭ ସମ୍ପଦ, ଏ ଜୀବନେ ଯାହା ପାଇବାର
ମୁଁ ଫେରି ପାରିବ ନାଇଁ, ଏ ଯେ ଦେଖ । ମୋ ଜୀବନ ଅନ୍ତିମ ସମ୍ଭାର ।

(୨)

କେ କହିଲା ମୋରେ ତୁହିଁ, ପାରିବ ପାରିବ ଆସି
ଏ ଦୁଆର ଚିରଦିନ ତୁମ ପାଇଁ ଖୋଲା ।
ମୁଁ ଯେବେ ତୁମରି ପ୍ରତି ବିନ୍ଦୁ ଶୋଣିତରେ ଯାଇଛି ଚହଟି
ପୁଣି କେବେ ଏ ଡୋଳାରେ ମିଶିଯିବ ତୁମ ନେତ୍ର ଡୋଳା
ଦେଖା ହେବ କଥା ହେବ, ହେବ ପୁଣି ମଧୁ-ଆଲିଙ୍ଗନ
ଆଜିର ବନ୍ଧନ ଦେଖିବ ଦେଖିବ ଦିନେ ସହସ୍ର ସପନ
କାହିଁକି ? କାହିଁକି ? ପ୍ରିୟ ମୋର ! ତୁମରି ଏ ନିଆଶା ଗୃହିଣୀ
ମୁଁ ଯେବେ ରହିଛି ତୁମରି ଧ୍ୟେନ, ରହିଥିବ ସେଇପରି
ଏ ପାଖ ସେ ପାଖ କେବେ ହେବନି ମୋ ବାଣୀ,
ସେ'ଦିନ ଆସିବ ନାଇଁ ? ଆସିବ ଆସିବ
ପଡ଼ିଯାଇଥିବ ଯେଉଁ ବାଟ
ସେ ବାଟ ଫିଟିବ ଦିନେ
ପ୍ରାଣର ଯେ ଅଦମ୍ୟ ପିପାସା ଜନ୍ମେ ଜନ୍ମେ ହେବ ନାଇ କାଟ ।

(୩)

ହାତର ପରଶ ଦିଅ, ତା' ଭିତରେ ଦିଅ ତୁମ ପରଶ ଚିତ୍ତର,
କହିଲି ମୁଁ, ତାହା ଯେନ ଏଇ ମୋର କବର ଅନ୍ତର
ଉଠିବ ସର୍ବଗେ ନାଚି, କେତେ ଯୁଗଯୁଗାନ୍ତର ଧରି,
ଯାଉଛି ମୁଁ, ସୀମାହୀନ ଅନନ୍ତ ମମତା ଭରି ହାତଟି ତାହାର
ଦେଲା ସେ ବଢ଼ାଇ ମୋରେ ସକଳର ଅଜାଣତେ,
ସେ ଜାଣେ ମୁଁ ଜାଣେ
କି ସରଗ ଦୁର୍ଲଭ ନିଧି ଆହରି ପରାଣେ—
ସେ ରହିଲା, ଆସିଲି ମୁଁ ଫେରି, ତାର ସେଇ ଶେଷ କଥା ପଦ
—ପାରିବ ପାରିବ ଆସି
ଭିତରେ ମୁଁ ଚିରଦିନ ରହିଚି ଉଦ୍‌ଭାସି ।

ରହିବି ତ !

ତୁମରି ହୋଇ ମୁଁ ରହିବି ତ
ସେଇତକ ମୋର ସବୁ ଶିକ୍ଷା
ଚାହିଁ ଚାହିଁ ଗଲି ବାଟେ ବାଟେ,
ଯା' ଦେବାର ଦେଲି, ଦେଲିପରି ।

ତୁମରି ହୋଇ ମୁଁ ରହିବି ତ
ଜାଣିଲି, ତୁମରି ଓଠହାସୁ,
ସୁଦୂରେ କେଉଁଠି ରହି ପଡ଼ିଛି
ଗଲଦିନୁ ତୁମେ ମୋହ ପାଶୁ ;

ଦୁଃଖ ମୋହର ନାହିଁ ତିଳେ
ବନ୍ଦୀ ମୁଁ ତୁମ ବୁକୁ ତଳେ,
ଏ ଠହୁଁ ଅଧିକ ଆଉ କିବା
ଭାଗ୍ୟେ ମୋହର ଘଟି ପାରେ ?

ରାଜରାସ୍ତାରେ ଜନତାର
ଏ ଯେଉଁ ବିପୁଳ ସମାଗମ,
ତା'ଭିତରେ ମୋରେ ଚାହିଁଲି ତ
ଅଟଇ ତୁମରି ଯଉବନ !

ମୁଁ ଥରି ଉଠିଲି ଥରେ ପାଇଁ
ନିଭିନାହିଁ ସେହି ଶିହରଣ,
ତୁମରି ହୋଇ ମୁଁ ରହିବିତ !
ସେଇତକ ମୋର ସବୁ ଧନ !

ପରଶ ତୁମରି ନାହିଁ ପାଏ
ନ ଶୁଣେ ତୁମରି ଓଠ ବାଣୀ,
ତୁମେ, ମୁଁ ରହିଲେ କେଉଁ ପାରେ
ମୁଁ ରଜା, ତମେ ମୋ ପାଟରାଣୀ !

ଭୁମର ହୋଇ ମୁଁ ରହିବତ !
ମହାଧରଣୀର ସ୍ତରଆଡ଼େ
ଛିନ୍ନ ହେଲେ ବି ଯୁକ୍ତ ତ
ଭୁମର ଶୋଣିତ ଧାରେ ଧାରେ ।

●

ଅଶ୍ରୁ-ଅଭିମାନ

ଏ ଦୁଆରୁ ଆସି ତମେ, ଏ ଦୁଆରୁ ଫେରିଯିବ ?
ବସିବନି ମୋ ନିଃସ୍ୱ କୁଟୀରେ,
ମୋହ ପାଖେ ଦଣ୍ଡେ ବା ଘଡ଼ିଏ ?
ମୋର କଣ ଦୋଷ ଅପରାଧ ଦେଖିଲ ହେ ସଖା ମୋର
ସେଥିଲାଗି ଫେରିଯିବ ଏକବାର !

ବୁଝିବନି ? ମୋ ଅନ୍ତର କଭଳି ହେବ ଖୁନ୍‌ମୁନ୍,
ବୁଝିବନି, ମୁଁ କେମିତି କାଳ କାଟି ନଏ ?
ଆସ, ପ୍ରାଣର ସେ କଥା ପଦେ କହ !
ତାହାପରେ ତୁମେ ଯାଅ ଚାଲି !

ମତେ ଟିକେ ଚାହିଁରହ
ହୃଦୟର ପରଶ ଟିକକ ଦିଅ
ସମୁଦ୍ର ତରଙ୍ଗ ପରି ପଡ଼ିବ ଉଚ୍ଛୁଳି ।
ମୋରେ କିଆଁ ବଞ୍ଚିତ କରୁଚ
ଏ ଟିକକ ସମ୍ପଦରୁ
ଯାହା ଯେନି ରହିବ ମୁଁ ସବୁବେଳେ ଚାହିଁ ।

ଆସିଥିଲ କାହିଁ ପାଇଁ ?
ଚାଲିଯିବ କାହିଁ ପାଇଁ ?
ବରଂ ନ ଆସିଥିଲେ
ଏତେ ଦୁଃଖ କରିଥାନ୍ତି ନାହିଁ ।

ମୁଁ ତୁମଠୁ ଚାହେଁନାହିଁ ଧନ ଦଉଲତ
ମୁଁ ତୁମଠୁ ମାଗେ ନାହିଁ କିଛି ଅନୁଗ୍ରହ
ମୁଁ ତୁମର ଗୋଟିକିଯାକ ଅନ୍ତରର ସାଥି
ହେବାକୁ ଚାହେଁ,
ମତେ କିମିତି ଦିଅନ ଆଡ଼େଇ ।

ଏ'ଦୁଆରେ ଆସି, ଏ ଦୁଆରୁ ଫେରିଯିବ ଦାଣ୍ଡେ ଦାଣ୍ଡେ
ବସିବନି ଏଇ ଜୀର୍ଣ୍ଣ ମସିଣା ଉପରେ
ଏଇ ମୋର ମାଟି କୁଡ଼ିଆରେ,
ତୁମର ଟିକିକ ଥିତି ପାଇଁ
ଏ କୁଟୀର, ଏ ଅଗଣା, ଆଉ ମୁଁ
କମିତି ପାଲଟି ଉଠୁ ପ୍ରାଣର ଐଶ୍ୱର୍ଯ୍ୟ ପୁଣି
କବର ଅନ୍ତର ତୁମର,
ବୁଝି ନାଇଁ ପାରେ ?

ତୁମେ କବି, ପୃଥିବୀର ଅନନ୍ତ ପ୍ରାଣର ବେଦନା ବୁଝୁଚ
ମୁଁ ତୁମର ହୋଇ ମୋ ଦୁଃଖ ବୁଝିଲ ନାଇଁ ?
ମୋ ଅନ୍ତର ନିବେଦନ କମିତି କରୁଚ ପ୍ରତ୍ୟାଖ୍ୟାନ ?
ସବୁ ମୁହିଁ ସହିଯିବି
କିନ୍ତୁ ପାରିବିନି ସହି
ତୁମେ ଯେବେ ଏ ଦୁଆରୁ ଆସି ଆଜି
ଏ ଦୁଆରୁ ଫେରିଯିବ,
ଦେବନାଇଁ ମତେ ସେଇ ପରଶ-ସମ୍ମାନ ।
ତୁମେ ଯେବେ ଫେରିଯିବ
ଫେରିଯାଅ ଚିରଦିନ ପାଇଁ
ମତେ ମନେରଖିବାର
ପ୍ରୟୋଜନ ନାଇଁ ।

ପ୍ରାଣର ଏ ଅଭିମାନ, ମୋର ଏ ଅମୂଲ୍ୟ ନିଧି
କାହା କଣ୍ଠ ତଟୁ ଫୁଟି,
ମୋରେ କରିଗଲା ଉନ୍ମତ୍ତ ପାଗଳ ।
ଯୁଆଡ଼େ ଶୁଣିଲି
ସେଇ ତାର ପଦେ ବାଣୀ
ଏ ଦୁଆରୁ ଆସି, ଏ ଦୁଆରୁ ଫେରିଯିବ ?
କେତେ ଅଶ୍ରୁ-ଅଭିମାନ
ମତେ ହିଁ ରଖିଚ ବାନ୍ଧି ଯୁଗଯୁଗାନ୍ତର ।

ଏ ବନ୍ଧନ ଛିନ୍ନ କରି ଯିବି କହ କାହିଁ ?
କେବେ ହେଲା ତାର ସାଙ୍ଗେ ମୋର ପରିଚୟ
କେବେ ସେ ଦେଖିଲା ମତେ
ବିରାଟ୍ ବିରାଟ କରି,
ଏ ମାଟିର ଗୋଟିଏ ଅପ୍‌ସରୀ ।
ତାର ସେଇ ଅଶ୍ରୁ-ଅଭିମାନ
କି ସୁନ୍ଦର ! କି ବିରାଟ !
ଏ ସମ୍ପଦ କିଏ ପାଇପାରେ ?
ସେ ଟିକକ ଗୁଡ଼ି ମୁହିଁ
ଯିବି କେଉଁଆଡ଼େ ?

●

ଶେଷବେଳେ

ଜୀବନର ଏତେ ମଧୁ-କଳପଣା ମେଳେ
ମୋରେ ଗୋ ରଖିଚ ଧରି ତୁମେ ସବୁବେଳେ,
ନିଠୁରେ ଦେଉନ ପୋଛି ମନୁ ଏକବାର,
ମୁହିଁ ଏକା ତୁମ ହୃଦ-ପରମ ସମ୍ଭାର ।
ମୋରେ ଛାଡ଼ିଦେଲେ ଯେହ୍ନେ ମରୁମାଟି ପରି,
ଶୂନ୍ୟ ଲାଗେ ତୁମରେ ଏ ଶ୍ୟାମା ବସୁନ୍ଧରା ।

ଆଜି ମୋରେ ଦେଖିବନି ଦିନ ଦିନ ଧରି,
ସେ କେଉଁ ରାଇଜେ ମୁହିଁ ଉଠିବ ସଞ୍ଚରି ।
ଏଇ ବନ ବିଲ ଶ୍ୟାମ, ପାହାଡ଼ ପ୍ରାନ୍ତର
ଏଇ ଗାଆଁ, ପଥଘାଟ, ନଦୀ ସରୋବର
ଏ କୁଟୀର, ଏ ଅଙ୍ଗନ, ଏଇ ପଥଧୂଳି
ଯେଉଁଠି ମୁଁ ତୁମ ତୁଲେ ରହିଥିଲି ଦୂରି ।

କନକ ଚରଣ ଝୁଲି ଝୁଲୁଥିବ ତମେ
ମୋରେ ଗୋ ଦେଖିବ ନାହିଁ ନିମିଷେ ନୟନେ,
ଯାଉଥିବ ଆସୁଥିବ ଘରଆଡ଼େ ଚାହିଁ
ଖୋଜିଲେ ଗୋ ଖୋଜୁଥିବ ଚିରଦିନ ପାଇଁ;
ନେତ୍ର ପ୍ରାନ୍ତୁ ଲୁହଟିଏ ଆସୁଥିବ ଢଳି,
ନିଜେ ପୋଛି ଦେଉଥିବ ହତଭାଗୀ ପରି

ଭାଳିଥିଲି ଜୀବନର ଶେଷଯାଏଁ ମୋର
ରହିଥାନ୍ତା ବେଢ଼ି ମୋରେ ଏ ବନ ପ୍ରାନ୍ତର;
ଝରଣାଟି ଏଇପରି ଯାଉଥାନ୍ତା ଝରି,
ଗିରି ଚୂଳେ ଏଇ ମେଘ ଉଠୁଥାନ୍ତା ଚରି,

ଏଇ ପଥ ଘାଟ ଏଇ ଗାଆଁ ଏଇ ସାଇ
ଚାରିଆଡ଼େ ବୁଲୁଥାନ୍ତି ନେନେ ଚାହିଁ ଚାହିଁ ।
ତା'ଭିତରେ ତୁମେ ମୋର ସପନର ସାଥି
ସରଗ ପ୍ରତିମା ପରି ଉଠୁଥାନ୍ତି ଭାତି ।
ବାଟେ ଘାଟେ ତୁମରେ ମୁଁ ଥରେ ଦେଲେ ଚାହିଁ
କି ମଧୁ ସଂପଦ ଶିଖି ପାରୁଥାନ୍ତି ପାଇ;
ତୁମ ସ୍ନିଗ୍ଧ ନୟନର ସେ ଚାହାଣୀ ତଳେ
ମୋରେ ରଖିଥାନ୍ତି ବାନ୍ଧି କି ମୋହନ ଡୋରେ;

ତୁମ ଓଠୁ କଥା ପଦେ ଉଠିଲେ ଗୋ ଫୁଟି,
କେତେ ଦୁଃଖ ଜୀବନର ଯାଉଥାନ୍ତା ତୁଟି;
ଏଇ ବଣ ପାହାଡ଼ର ଏ ସବୁଜ ଭୂଇଁ
ତା' ଭିତରେ ଦୁଇଜଣ ତୁମେ ଆଉ ମୁହିଁ ।
ତୁମର କେ ନାଇଁ କଏ ନାଇଁତ ମୋହର
ଅନ୍ତର ଅଜାଡ଼ି ଦେବ ମଧୁଟିକ ଭରି ।

ଅମର୍ତ୍ତ୍ୟ ଏ ଶୋହାଟିକ କେଡ଼େ ଗଉରବ ?
ଦିନୁଦିନ କରୁଥାନ୍ତି ନିତି ଅନୁଭବ ।
ଶେଷବେଳେ ପଡ଼ିଲେ ମୁଁ ଏ ମାଟିରେ ଢଳି,
ତୁମରି ଲୁହରେ ଓଦା ଦିଅନ୍ତି ଗୋ କରି ।
ସେ ଟିକ ମୋ ଜୀବନର ପରମ ସମ୍ଭାର,
ରହିବ ମରମେ ନାଇଁ ପାଶୋରିଯିବାର ।

ଏ ଜନ୍ମର ମାୟା

ଏ ଗଛ ପତର ଘାସ ପ୍ରାନ୍ତର ସବୁଜ ଭୂଇଁ
ଯେଉଁଠି ତୁମେ ଓ ମୁଉଁ
ଜଣେ ଜଣକରେ ପାରଚେ ଛୁଇଁ
ଏଇ ପଥ ଘାଟ ସନ୍ଧ୍ୟା ସକାଳ ନିଶୀଥ ଦିବା
ଯେଉଁଠି ଓ ଯେବେ ତୁମେ ଦେଖିଅଛ
କେତେ ଯେ ସପନ ଦେଖିଚି ମୁହିଁ
ଜଣେ ଜଣ ପାଇଁ ଉନ୍ମନ ହୋଇ ନିଯୁତ କିବା !
ଏଇ ଗାଁ ଘର, ଏଇ ବାତାୟନ, ଏ ନଈ ନାଳ,
ତୁମର ମୋହର ସ୍ମୃତି ଯେଉଁଠାରେ.
ରହିଚି କି ଅବା ପକାଇ ଗାର !

ରାଜରାସ୍ତାରେ ଚାଲିଗଲା ବେଳେ ମୁଁ ଓ ତମେ
ପରସ୍ପରକୁ ଆପଣାର କରି ଚାହିଁଚେ
କେତେ ତ ନୟନ-କୋଣେ ।
ନିବିଡ଼, ନିବିଡ଼େ ଯେବେ ଏ ଆଖିରେ
ସେ ଆଖି ତମର ଯାଇଚି ମିଳି
ସେ କି ସମ୍ପଦ ! ତମେତ ପାଇଚ, ପାଇଚି ମୁହିଁ,
ସେ ସବୁ ଦେଇଚି, ସେ ସବୁ ଦେଖିଚି
ଏଇ ମାଟି ଏଇ ପାହାଡ଼ ଗିରି !

ସେ କେଉଁ ଜନମେ କେତେ ଯୁଗ ପରେ
ଏ ମାଟିରେ ଯେବେ ଆସିବ ଫେରି,
ତୁମର ସ୍ୱରୂପ, ତୁମର ସେନେହ
ଅନୁଭବ ନାହିଁ ପାରିବ କରି ?

●

ହେ ମୋର ସ୍ନେହର ଚିଠି !

ଦୂର ବିଦେଶିନୀ ଅପରିଚିତା ସେ, ଜାଣିନି ତାହାରେ ଭଲକରି ମୁହିଁ
ସେ ହୁଏତ କେବେ ଦେଖିଥିବ ମୋରେ ମୁଗ୍ଧ ଗୃହିଣୀ ଢାଳି;
ଅବା ପଢିଥିବ କବିତା ମୋହର ନାଚି ଉଠିଥିବ ଅନ୍ତର ତଳ
ହୃଦୟ-ବେଦୀରେ ବିଶାଳ ମମତା ରଖିଚି ମୋଲାଗି ବାଢ଼ି !

ହଠାତ୍ ପାଇଲି ତାହାରି ହାତର ନୀଳ ଲଫାପାରେ ମୁଦାହୋଇଥିବା
ଗୋଟିଏ କ୍ଷୁଦ୍ର ଚିଠି,
ଥରେ ମୁଁ ପଢ଼ିଲି, ଦି'ଥର ପଢ଼ିଲି, ପଢ଼ିଲି ବହୁତ ଥର
ଚିଠି ପଢ଼ା ମୋର ସରିତ ପାରିଲା ନାଇଁ
ଟିକେ କାଗଜରେ ଅନ୍ତର ତା'ର କିଭଳି ପଡ଼ିଚି ଫିଟି !

ସେ ଲେଖିଚି ମତେ—
ଭୂମିଷ୍ଠ ମୋର ନମସ୍କାରଟି ନେବେ
ଚିଠି ମୋର ପଢ଼ି ଚଞ୍ଚଳ ଚିଠି ଦେବେ ।
କାନ ପାଖେ ମୋର ବାଜିଉଠେ ବେଳେ ବେଳେ
ତୁମ କବିତାର ମୁଗ୍ଧ ରାଗିଣୀ ହୁଏ ମୁଁ ଆତ୍ମହରା !
ସେ କେଉଁ ସଞ୍ଜେ ଦେଖିଚି ତୁମରେ,
ତୁମରି କବିତା ସହ
ତୁମ ହସ ହସ ମୁହଁ ଭୁଲି ହଉନାଇଁ ପରା !

କେତେ ବାର ଭାବେ ଚିଠିଟିଏ ଦେବି ପାରେନି ପାରେନି ଦେଇ
ନ ଦେଲେ କି ହେଲା ?
ମୋ ବୁକୁ ଭିତରେ ବଞ୍ଚିରହିଚ ତମେ
ମୋହର ସେନେହ ଅର୍ଘ୍ୟଟିକକ ନେଇ;
ହେ କବି ! ହେ ପ୍ରିୟ, ତୁମରି କବିତା ସବୁ ମୁଁ ପାରିନି ପଢ଼ି
ଆହୁରି ପଢ଼ିବି, ଆହୁରି ଦେଖିବି
'ଆକାଙ୍କ୍ଷା ମୋର ବଳବତ୍ତର ରହିଚି ପରାଣେ ଭରି ।

କେଉଁଠି ରହୁଚ, ମୁଖରିତ କରି କବିତାର କଳତାନେ
ସେ କେଉଁ ବିଜନ ଭୂଇଁ
ଜାଣେନା ଏ ଚିଠି ପାଇବ କି ନାଇଁ ତମେ,
ରହିଲି ରହିଲି, ସ୍ନେହ ମୁଗ୍‌ଧା ମୁଁ
ତୁମରି ନିଜର ଜଣେ ।

ମୁଁ ତାରେ ଲେଖିଲି—
ହେ ମୋର ନିଜର ଜଣେ,
ପରିଚୟହୀନା ନବ ଯଉବନା
ମୋ ପାଇଁ ରହିଚ ମହା ପୃଥିବୀର
ସେ କେଉଁ ସୁଦୂର କଣେ ।
ମୋ ଭଳି ନିଃସ୍ୱ କବିର କବିତା
ତୁମରେ ଟିକିଏ ମୁଗ୍‌ଧ ପାରିଚି କରି,
ଖୋଜିଅଛ ମୋରେ
ଖୋଜୁଅଛ ମୋରେ
ତୁମରି ହିଆର ପ୍ରତିତନ୍ତ୍ରୀରେ
ମୁଁ ବାଜି ଉଠୁଚି ମଧୁତାନ ପରି
ଦିନ ରାତି ଷୋଳ ଘଡ଼ି ।

ବାସନା ତୁମର ବଳବତ୍ତର ମୋରେ କରିନବ ତୁମଜୀବନର ସାଥି
କବି ହୃଦୟର ମୁଗ୍‌ଧ ପରଶ ଖୋଜୁଚି ତୁମରି ପ୍ରୀତି !

ପାଗଳିନୀ ପରି ରହିଅଛ ଚାହିଁ, ଦେଖିବ, ଚାହିଁବ
କଥା ହେବ ମୋହ ଭୁଲେ
ଜ୍ୟୋସ୍ନା ରାତିରେ ଯୂଥୀ ଅଙ୍ଗନେ ଶୁଣିବ କବିତା
ମୋହର କଣ୍ଠୁ କିଭଳି ସୋହାଗେ ସ୍ଫୁରେ !

ଅଥବା ମୋହର ପ୍ରାଣ ନିସୃତ କବିତା ବୋଲିବ
ତୁମେ ଗୋ ରାଗିଣୀ ଧରି
ମୁଗ୍‌ଧ କରିବ ଦେହ ମନ ମୋର ଦେଖିବ କିଭଳି
ମୋ ଓଠେ ଫୁଟୁଚି ହସର କୁସୁମ କଳି !

ଆଗୋ ବରବାଳା କେଉଁ କୁଟୀରର କେଉଁଠି ରହିଚ ତମେ
ମତେ ଆଜି ମୋର କବିତାରେ ତମେ
ଅଲକ୍ଷ୍ୟେ ଅବା ମୁଗ୍ଧ ଚୁମ୍ବନ ଦେଇଦିଅ ପ୍ରତିକ୍ଷଣେ !
ଏ ଯେ ମହାଦାନ ତୁମରି ହିଆରେ
କିଏସେ ପାରିବ ଦେଇ ଏତେ ସହଜରେ,
ମୋ' କବି ଜୀବନ ଧନ୍ୟ ଆଜ ଗୋ,
ଧନ୍ୟ କବିତା ମୋର
କି ଅବା ଦୁଃଖୀ
ଏ ମାଟି ଉପରେ ଏ ନିମେଷେ ଯେବେ ମରେ !
ଜନମେ ଜନମେ ରହିଲ ମୋହର ରହିଲ ନିଜର ହୋଇ
ନିଃଶ୍ୱାସ ତୁମେ ମୋହର ବୁକୁର
ତୁମେ ନାହିଁ ଥିଲେ ଜୀବନରେ ଅବା ବଞ୍ଚି ମୁଁ ରହିନାହିଁ !

ଦୂରେ ଥାଅ ଅବା ପାଖେ ଥାଅ ତମେ
ଯେତେବେଳେ ଥାଅ ଧରଣୀର ଯେଉଁଆଡ଼େ
ତୁମର ପରଶ ଶୋଣିତେ ଶୋଣିତେ କରୁଥିବ ଅନୁଭବ
ସୁଖେ ଓ ଦୁଃଖେ ଅଶ୍ରୁ ତ ହାହାକାରେ ।

ଜାଣେନା ଜାଣେନା ଏ ଚିଠି ମୋହର
ପାଇବାର ପରେ କଅଣ ଭାବିବ ତମେ
ତୁମର ଚିଠିକୁ ଅପେକ୍ଷା କରି
ରହିଲି ରହିଲି
ଏ ମରୁ ରଇଜ-କଣେ ।
ଚିଠି ପାଇ ମୋର ଦେବ ମୋରେ ଚିଠି
ତୁମର ଚିଠିରୁ ପାଇବି ପରଶ ତବ
ସେଇ ମୋର ଧନ ସେଇ ସମ୍ପଦ
ସେଇ ମୋର ବଇଭବ !
ରଖିଥିବ ମତେ ମନେ
ମୁଁ ଯେ ତୁମର ଅତି ଆଦରର
ଅତି ଆପଣାର ଜଣେ !

ଦିନ ପରେ ଦିନ କେତେ ଗଲା ବିତି
ଡାକବାଲା କେତେ ଦେଇଗଲା ଚିଠି
କାହିଁରୁ ପାଇଲି ନାହିଁ ଏତେ ପ୍ରୀତି ।
    ଖୋଜିହେଲି ହାପୁ ସେ ହାତ ସେ ଚିଠି କାହିଁ ?
    ଯେ ହାତ ଯେ ଚିଠି ଯେଉଁ ଅକ୍ଷର
    ଏଇ ବକ୍ଷର ଶୋଣିତେ ଶୋଣିତେ
        ମଧୁ-କମ୍ପନ
        ଫୁଟାଇବ ମୋହ ପାଇଁ !

    ଦୁଇ ସପ୍ତାହ ପରେ
    ଧଳା ଲଫାପାରେ
    ନୀଳ ଅକ୍ଷରରେ
    ସେଇ ପରିଚିତ ହାତୁ
    ଗୋଟିଏ ଯେ ଚିଠି
    ପହଞ୍ଚିଲା ମୋ କରେ ।
କୋଟିନିଧି କିଏ ପାଇବାର ପରି
ଲାଗିଲା ମିମିଛି ହାତେ ଗଲା ପଡ଼ି
ଚିରି ସେ ଲଫାପା ପଢ଼ିଲି ଚିଠିଟି
ଏକ ନିଶ୍ୱାସେ ଏକଲୟେ ବାରବାର
ସବୁ ସରିଯାଏ, ଜୀବନର ମିଠା ନିଃଶେଷ ନାହିଁ ହୁଏ
    ଅସରନ୍ତି ସେ ନିର୍ଝର କିବା
    ନିଖିଳ ଏ ଦୁନିଆର ।

ସେ ଲେଖିଛି—
ହେଲି ତନ୍ମୟ ହେଲି ମୁଁ ବିଦେଶର ତୁମରି ପତ୍ର ପଢ଼ି
ଏତେ ତୁମେ ମୋତେ ପାଇଅଛ ଭଲ
ସ୍ୱପ୍ନରେ ନାହିଁ କଳ୍ପନା ଥିଲି କରି ।
ପ୍ରତି ନିଃଶ୍ୱାସେ ମନେପକାଉଛି ମତେ
ଯେତେ ମୁଁ ତୁମରି ପାଖେ ରହିଥିଲି ପରି
କଥାକେ କଥାକେ ମୋ ନାଆଁ ତୁମରି

ଓଠରୁ ଉଠୁଛି ଫୁଟି
ମୋ ନାଁ ତୁମର ଜିଭରେ ନାଇଁ
ରହିଚ ବା ଘରକର
ତୁମର ଚିଠିରୁ ଦେଖୁଚି ତୁମର
ସେନେହ କିପରି ମହା ସମୁଦ୍ର ସମ
ଉଦ୍‌ବେଳଉଠେ
ମୋହ ପାଇଁ ମୋହ ପାଇଁ
କି ବଗିଚ ତମେ କିଭଳି ଉଦାର !
ମୋ ଭଳି ନିଃସ୍ୱ ବାଳକାରେ ତମେ
ମୁଗ୍‌ଧ ଧିଆନେ କିଭଳି ରହିଚ ଗୁହିଁ !

ପରିଚୟ ଅବା ଦେଖାସାକ୍ଷାତ
ନଥାଇ ଜୀବନେ ଥରେ
କଥା ପଦକରେ
ଏତେ ଜଲଦ ଯେ ଆପଣାର ହୋଇପଡ଼େ
କିଭଳି ଭୁଲିବ ତାରେ ?
ପ୍ରିୟ କବି ମୋର !
କୃତାର୍ଥ ମୋର ଜୀବନ
ମୁଁ ଆଜ ମନେକରେ ମନେକରେ
ନମସ୍କାର ମୋ ନିଅ
ତୁମଛଡ଼ା ଆଉ କାହାରେ ଡାକିବ ପ୍ରିୟ !

ବାସନା ମୋହର ପୂର୍ଣ୍ଣହେଉ
ବା ଅପୂର୍ଣ୍ଣ ହେଉ
କିଛି ଯାଏ ଆସେ ନାଇଁ
ତୁମେ ଯେବେ ମୋରେ
ଶୁଭଦୃଷ୍ଟିରେ
ରହିଚ ସୁଦୂରୁ ଗୁହିଁ ।
ମିଳନ ଶଙ୍ଖ ବାଜିବାର ଲଗି
ହୁଏତ ବହୁତ ବାଧା ଆସି ପଡ଼ିପାରେ

ଦୁଃଖ ମୋହର ଶୋଚନା ମୋହର ନାଇଁ
ମୁଁ ଯେବେ ଉଠନ୍ତି କଲ୍ଲୋଳ
ତୁମ ଶିରା ଉପଶିରା
ଶୋଣିତର ଧାରେ ଧାରେ ।
ଛବି ପାଇ ମୋରେ ଛବିଟିଏ ଦବ ଏତିକ ମାଗୁଣି ଅଳ ।
ତୁମରି ଛବିରୁ ଦେଖିବ ତୁମକୁ ପାଇବ ତୁମକୁ
ତୁମରି ଭିତରେ ଗୋଳ ହୋଇଯିବ
ଜନମ ଜନମ ଧରି
ସ୍ନେହ ମୁଗ୍‌ଧା ମୁଁ ତୁମରି ନିଜର ଜଣେ
ତୁମରି ଛବିକୁ ଚାହିଁ ମୁଁ ରହିଲି
ଏ ଦୂର-କୁଟୀର-କଣେ ।

ତା' ପରେ ଲେଖିଲି ମୁହିଁ—
ହେ ମୋର ସ୍ନେହର ବିଦୁଷୀ ବାଳିକା କାବ୍ୟ କଳାର ସାଥୀ
ତୁମରି ଛବିରୁ ତୁମକୁ ପାଇଛି ଭରି ଉଠେ ମୋର ଛାତି ।
ନ ଆସ ପଛେ ମୋ ନିଃସ୍ୱ କୁଟୀରେ
ନ ଚାହିଁ ପଛକେ ନୟନେ ନୟନ ଢ଼ାଳି
ମିଳନର ପଥେ ବନ୍ଧନ ବାଧା ରହିଥାଉ ଚିରଆଡ଼ି
କି ଅବା ଦୁଃଖ କି ଅବା ଶୋଚନା ଜୀବନେ କରିବି ମୁହିଁ
ତୁମେ ଯେବେ ଆସ ଛବିଟିଏ ହୋଇ
ମୋରେ ଦେବା ଲାଗି ସେନେହ ସୋହାଗେ ଛୁଇଁ
ଛବି ହୋଇ ତୁମେ ଆସ ମୋ କୁଟୀରେ
ଛବି ହୋଇ ମୋରେ ଚାହିଁରହ ଚାହିଁରହ,
ଛବି ହୋଇ ମତେ ଚିରଦିନ ତମେ ଜୀବନର କଥା କହ ।
ଛବି ହୋଇ ତମେ ପ୍ରାଣର ପରଶ ବୋଳି ଦିଅ ମୋର
ଦେହେ ମନେ ଚିରକାଳ
ସେ ମହା ଛବିରେ ଚୁମ୍ବନ ଦେବି, ଆଶ୍ଲେଷ ଦେବି
ସବୁକିଛି ଦେବି, ଯେତେ ଯାହିଁ ମୋର
ରହିଅଛି ଆପଣାର ।

ଶତ ଅବହେଳା ଅନାଦର ପାଇ ଧରଣୀ ମାଟିରେ
ଯେବେ ରହିଥିବ ପଡ଼ି
ଅଭାବ ଭିତରେ ନୟନ ଯୁଗଳୁ ଯାଉଥିବ ଯେବେ
ଉଷ୍ଣ ଲୋତକ ଝରି,
ପ୍ରିୟ ପରିଜନେ ଗୁହାଁଲେ ଯେବେଟି
ମୁହଁ ଆଡ଼େଇ ସେ
ଗୁଲିଯିବେ ଦୂରେ ଦୂରେ
ହସି କଏ ପଦେ କଥା କହିବେନି
ଯେତେ ମୁଁ ଯେଭଳି ଅନ୍ୟ ବା କଏ ଜଣେ
ପଡ଼ିଅଛି ଗଛ ମୂଳେ;

ସେତେବେଳେ ତୁମେ ଛଟିଟିଏ ହୋଇ
ମୋ କୁଟୀରେ ହବ ଠିଆ
ଲୁହ ପୋଛି ଦେଇ ନେଇଯିବ ମୋରେ
ପାତି ଦେଇ ତୁମ
ବିଶାଳ ଉଦାର ହିଆ;
ହେ ମୋର ସ୍ନେହର ଛଟି !
ଜନମେ ଜନମେ ଆଶ୍ରୟ ତମେ ମୋର
ତମଠି ପଡ଼ିବ ଫିଟି ।

ଶରତ ସଞ୍ଜେ ଧାନ ବିଲମାଳେ ଗିରିବନ ଧାରେ
ବୁଲୁଥିବ ଯେବେ ଉଦାସ ପୁଲକେ ଏକା
ଶୁଣୁଥିବ କାହିଁ ଝରଣାର କଳତାନ
ଠାବେ ଠାବେ ଅବା
କେଉଁଠି ଅଟକି ରହି
ଖୋଜୁଥିବ ହାୟ
ତୁମ ଭୁଲେ ହେଲେ
ହୁଅନ୍ତା ଏଠି ଦେଖା;
ସେତେବେଳେ ତୁମେ ଛଟିଟିଏ ହୋଇ
ହେଲେ ମୋହ ପାଖେ ଠିଆ

ବଢ଼ନ୍ତା ମୋର ପରାଣ ପୁଲକ
ଦ୍ୱିଗୁଣୁ ଦ୍ୱିଗୁଣ ହୋଇ
କହନ୍ତି ତୁମେ ଆସୁଥିବ ଏଇପରି
ନିଷ୍ଠୁର ନୋହି ପ୍ରିୟା ।
ହେ ମୋର ସ୍ନେହର ଚିଠି
ଜନମେ ଜନମେ ସହଚରୀ
ତୁମେ ମୋର
ତମଠି ପଢ଼ିବ ଫିଟି ।
ମୋ କବି ଜୀବନେ ପଦାଘାତ କରି
ମୋରେ ଯେବେ କିଏ ହଇରାଣ କରେ
ରାଜ-ରାସ୍ତାରେ ଅପମାନ ଦେଇ ଛାଡ଼େ,
ସେତେବେଳେ ଯେବେ ଦେଖୁଥିବ ମୁହିଁ
ମୋର ହୋଇ କେହି ଏ ଧରାରେ ନାଇଁ
କେଉଁଆଡ଼େ କେଉଁଆଡ଼େ
ତଳ ଉପରକୁ ଚାହିଁ
ଭାଳୁଥିବ ହାୟ
ଜୀବନେ କାହାର ଲବ ମାତରକେ
କ୍ଷତି ମୁଁ ତ କରିନାଇଁ
ମାଟିର ସତ୍ୟ ଏ ମାଟି ଉପରେ ଫୁଟାଇବା ଲାଗି
ଗୁଲଚି ମୁଁ ଚିରକାଳ
ସେ' ଲାଗି ହାୟ ଶିକାର ହୋଇଚି
ଜୀବନେ ମୁଁ କେତେବାର !
ମୂର୍ଖ ଦୁନିଆ ବୁଝିଲାନି ମତେ
ବୁଝିତ ପାରିବ ନାଇଁ
ଭାଳୁଥିବ ଯେବେ
ମହା ଶୂନ୍ୟକୁ ଚାହିଁ,
ସେଲେବେଳେ ତୁମେ ଚିଠିଟିଏ ହେଇ
ହଠାତ୍ ଯେବେ ମୋ କୁଟୀରେ ହେବ ଗୋଠିଆ,
କହିବ—

"ହେ କବି, ଏଥିଲାଗି ଏତେ ଶାନ୍ତ ତୁମେ କାହିଁ ?
ହେ ଶରବିଦ୍ଧ ମାଟି ଧରଣୀର କବି,
ଉଠ ତୁମେ ଉଠ ।
ଠିଆ ହୁଅ ଚାଲ ବୀର ସୈନିକ ପରି
ଦୁନିଆର କ୍ଷୀଣ ଦୃଷ୍ଟିକୁ ପ୍ରସାରିତ କରି
ଲେଖନୀର ମୁନେ
ମୋହନ ମନ୍ତ୍ର ଭରି ।"
ହେ ମୋର ସ୍ନେହର ଚଟି,
ଜନମେ ଜନମେ ତୁମରି ଓଠର
ଅମୃତ ବାଣୀ
ମୋର ଏକା ସାହା ସାଥୀ
ଅକୁଣ୍ଠିତେ ମୁଁ
ତୁମଠି ପଢ଼ିବ ଫିଟି ।
ଜାଣେନା ଜାଣେନା କେତେ ଦିନ ପରେ
ସେ କେଉଁ ବିଜନ ପଲ୍ଲୀ କୁଟୀର ତଳେ
କେଉଁ ଅନ୍ତିମ ଶେଯେ ଶୋଇ
ଜୁଳୁ ଜୁଳୁ ହୋଇ
ଚାହିଁରହିଥିବ
ଚାଲିଯିବା ଲାଗି ଚିରଦିନ ପାଇଁ
ସେ କେଉଁ ସୁଦୂର ପାରେ ।
ସେତେବେଳେ ତୁମେ ଚଟିଟିଏ ହୋଇ
ମୋର ଶେଷ-ଶଯ୍ୟାରେ
ମୋ ପାଖେ ପଡ଼ିବ ବସି;
ଥପ ଥପ ଥପ
ନେତ୍ର ଯୁଗଳୁ
ଲୁହ ପଡୁଥିବ ଖସି;
ଚାହୁଁଥିବ ମୋରେ ଚାହୁଁଥିବ ଖାଲି
ଛାଡ଼ି ଚାଲିଯିବ ନାହିଁ
ଏକ ମୁହୂର୍ତ୍ତ ପାଇଁ,

ଥରି ଉଠୁଥିବ ଆଖି ଭ୍ରୂଲତା
ଥରି ଉଠୁଥିବ ଯୁଗ୍ମ ସେ ଓଠତଳ;
ଥରି ଉଠୁଥିବ ରକ୍ତ ପ୍ରବାହ
ଶିରାରେ ଶିରାରେ
ଦେହ ମନ ତବ ହେଉଥିବ ଟଳଟଳ ।
ମୋର ଅନ୍ତିମ-ଶେଯେ
ମୋହଗଣ୍ଠି ପଡ଼ିବ ଖୋଲି,
ମୋହଭୁଲେ ତମେ ଉଡ଼ି ଉଡ଼ି ଯିବ
ଯୁଆଡେ ମୁଁ ଯିବ
ଲଂଘି କେତେ ଯେ ସରିତ ସାଗର
ପଥ ପ୍ରାନ୍ତର,
ଅରଣ୍ୟ ଗିରିଦରୀ ।

ହେ ମୋର ସ୍ନେହର ଗଣ୍ଠି !
ଜୀବନେ ମରଣେ, ଏପାରେ ସେପାରେ
ନିମ୍ନେ ଊର୍ଦ୍ଧେ ମୋରେ ଯେ ରହିଚ ଘେରି
ଅସୀମ ଆକାଶ ପରି,
ତୁମରେ ତିଆଗି
କେଉଁଆଡ଼େ ଯିବ କହ ?
ଜନମେ ଜନମେ ତୁମ ଗଣ୍ଠି ପଡ଼ିବ ଫିଟି ।